

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୭ ଅକ୍ଟୋବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 07 October 2024
Vol.No. 35 ■ No.269 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଇସ୍ରାଏଲ ଉପରେ ହୋଇପାରେ ବଡ ଧରଣର ଆକ୍ରମଣ!

■ସତର୍କ କଲା ଆମେରିକା ଗୁପ୍ତଚର ଏଜେନ୍ସି
■ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିବାକୁ ଇମାନୁଏଲ ମାକ୍ରୋନଙ୍କ ଦାବି
■ହିଜବୁଲ୍ଲାକୁ ପୁରା ଧ୍ୱଂସ ଯୋଜନା: ଅସ୍ତ୍ରଶସ୍ତ୍ର ଯୋଗାଣ ଲାଇନ ବନ୍ଦ



ନୂଆଦିଲ୍ଲୀ, ୬/୧୦ : ମୁସଲିମ ଦେଶଙ୍କ ବିରୋଧରେ ଇସ୍ରାଏଲର ଯୁଦ୍ଧକୁ ବର୍ଷେ ପୁରିବାକୁ ଯାଉଛି । ୨୦୨୩ ଅକ୍ଟୋବର ୭ରେ ଇସ୍ରାଏଲ୍ ଉପରେ ପ୍ରଥମେ ହମାସ ଆକ୍ରମଣ କରିଥିଲା । ଏହି ଆକ୍ରମଣକୁ ବର୍ଷେ ପୂରଣ ହେବାକୁ ଯାଉଛି। ପୁଣି ଥରେ ଇସ୍ରାଏଲ କମ୍ପିତ ହେବାର ଆଶଙ୍କା ରହିଛି । ଏଥର ଇସ୍ରାଏଲ ଉପରେ ହୋଇପାରେ ବଡ ଧରଣର ଆକ୍ରମଣ । ଆମେରିକାର ଗୁପ୍ତଚର ଏଜେନ୍ସି ଏଫବିଆଇ ଏକ ସତର୍କ ସୂଚନା ଜାରି କରିଛି । ଇରାନର ପ୍ରକ୍ସି ସଂଗଠନମାନେ ଇସ୍ରାଏଲ ଉପରେ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି । ଏଥିପାଇଁ ୟେମେନ, ସିରିଆ ଏବଂ ଇରାକ ଆଦି ୩ ଦେଶରୁ ହଜାର ହଜାର ଯୋଦ୍ଧା ଲେବାନନରେ ପହଞ୍ଚିଛନ୍ତି । ଇରାନର ପ୍ରକ୍ସି ଆକ୍ରମଣ ପାଇଁ ଇରାନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି । ଇସ୍ରାଏଲର ସହର ସହିତ ଗୋଲାନ୍ ହାଇଟ୍ସ ଉପରେ ମଧ୍ୟ ଆକ୍ରମଣ କରାଯାଇପାରେ । ବର୍ତ୍ତମାନ ଏହି ଆକ୍ରମଣ ପାଇଁ କେବଳ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲ୍ଲି ଖାମେନିଙ୍କ ଆଦେଶକୁ ଅପେକ୍ଷା କରାଯାଇଛି । ଯାହା ପରେ ଇରାନର ପ୍ରକ୍ସି ଯୋଦ୍ଧାମାନେ ଗତ ବର୍ଷ ଅକ୍ଟୋବର ୭ ପରି ଆକ୍ରମଣ କରିବେ ବୋଲି ଆଶଙ୍କା ପ୍ରକାଶ ପାଇଛି । ତେବେ, ତ୍ରିସ୍ତରୀୟ ପ୍ରତିରକ୍ଷା ବ୍ୟବସ୍ଥା ସ୍ଥାପନ କରି ଆକ୍ରମଣକୁ ରୋକିବା ପାଇଁ ଇସ୍ରାଏଲ ଯୋଜନା କରିଛି । ଏହାସହ ସୀମାରେ ଅତିରିକ୍ତ ନିୟୋଜନ ମଧ୍ୟ କରାଯାଇଛି । ଶୁକ୍ରବାର ଦିନ, ଖାମେନି ଜିହାଦି ଭାଷଣ ଦେଇଥିବାରୁ ଇରାନର ପ୍ରକ୍ସି ସଦସ୍ୟଙ୍କ ଉତ୍ସାହ ବଢ଼ିବାରେ ଲାଗିଛି । ଯେହେତୁ ଖାମେନି ଇସ୍ରାଏଲ ବିରୁଦ୍ଧରେ କହୁଥିଲେ, ଇରାନର ପ୍ରକ୍ସି ସଂଗଠନମାନେ ଇସ୍ରାଏଲର ବିନାଶ ବିଷୟରେ ଯୋଜନା କରିବା ଆରମ୍ଭ କରିଛନ୍ତି। ଏହାର ପରିଣାମ ସ୍ୱରୂପ ଇରାନର ପ୍ରକ୍ସି ସଂଗଠନର ହଜାର ହଜାର ଯୋଦ୍ଧା ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛନ୍ତି। ସେମାନେ ଲେବାନନ୍ ଯାଇ ହିଜବୁଲ୍ଲାକୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି। ଗତ ବର୍ଷ ହମାସ ଆତଙ୍କ ସୃଷ୍ଟି କରିଥିଲା, ଏଥର ହିଜବୁଲ୍ଲା ଏବଂ ହୁତି ବିଦ୍ରୋହୀ ଏକାଠି ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି। ହିଜବୁଲ୍ଲା ଉପରେ ଇସ୍ରାଏଲର ବିମାନ ଆକ୍ରମଣ ବୃଦ୍ଧି ପାଇଛି । ବେରୁତ ଓ ଲେବାନନ୍‌ର ଦକ୍ଷିଣ ସହରଗୁଡ଼ିକରେ ବୋମାମାଡ଼ ଜାରି ରହିଥିବା ବେଳେ ଇସ୍ରାଏଲ ସେନା ଶନିବାର ଲେବାନନ୍‌ର ଉତ୍ତରାଞ୍ଚଳକୁ ଆକ୍ରମଣ ସମ୍ପ୍ରସାରିତ କରିଛି । ଶନିବାର ସକାଳେ ଉତ୍ତରର ତ୍ରିପୋଲି ସହରରେ ହୋଇଥିବା ଆକ୍ରମଣରେ ହମାସର ଜଣେ ଶୀର୍ଷ ନେତା ଓ ତାଙ୍କ ପରିବାରର ମୃତ୍ୟୁ ଘଟିଛି । ଆକ୍ରମଣ ପୂର୍ବରୁ ଇସ୍ରାଏଲ ସେନା ୩ଟି ସତର୍କ ସୂଚନା ଜାରି କରି ଅଞ୍ଚଳବାସୀଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ଚାଲିଯିବାକୁ କହିଥିଲା । ରାତିରେ ବେରୁତ ବିମାନବନ୍ଦର ନିକଟରେ ବିସ୍ଫୋରଣ ଓ ଏୟାର୍‌ଷ୍ଟ୍ରାଇକ୍ ମଧ୍ୟ ହୋଇଥିଲା । ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ପ୍ରାୟ ୨ ସପ୍ତାହ ଧରି ଦକ୍ଷିଣ ଲେବାନନ୍ ଉପରେ ଆକ୍ରମଣ ଜାରି ରଖିଛି, ଯେଉଁଥିରେ ୨ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି । ସେହିପରି ୧.୨ ନିୟୁତରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି । ଗାଜା ଭଳି ଧ୍ୱଂସଲୀଳା ଦକ୍ଷିଣ ବେରୁତରେ ଦେଖିବାକୁ ମିଳିଥିବା ବେଳେ ମାନବୀୟ ସଙ୍କଟ ବଢ଼ିବାରେ ଲାଗିଛି । ସେପଟେ ଯୁଦ୍ଧ ଭିତରେ ବୟାନ ଦେଇଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଏବଂ ଏହି ବୟାନ ଉପରେ ମତ ରଖିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଲ ମାକ୍ରୋନ ଇସ୍ରାଏଲ ଉପରେ ▶▶ପୃଷ୍ଠା ୭

## ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ: ବସ୍ ଚଳାଚଳ ବନ୍ଦ ଡାକରା



ଭୁବନେଶ୍ୱର, ୬/୧୦ (ନି.ପ୍ର): ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ତେଜିଲା ବିବାଦ। ଘରୋଇ ବସ୍ ବନ୍ଦ କରିବେ ପଶ୍ଚିମାଞ୍ଚଳ ଓ ଦକ୍ଷଣାଞ୍ଚଳର ବସ୍ ମାଲିକ ସଂଘ। ଆସନ୍ତାକାଲି ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟିଆ ବସ୍ ଚଳାଚଳ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ୧୩ ଜିଲ୍ଲାର ୨୪ ଘରୋଇ ବସ୍ ମାଲିକ ସଂଘ ୨୪ ଘଣ୍ଟିଆ ଧର୍ମଘଟ କରିବ। ସେମାନେ ଅଭିଯୋଗ କରିଛନ୍ତି, ବିଜେଡି ସରକାର ଅମଳରେ ପ୍ରଥମେ ଟାୟାର ୱାନ ଲକ୍ଷ୍ମୀ ବସ୍ ଚାଲିଥିଲା। ପ୍ରତିବାଦ ପରେ ବନ୍ଦ ରହିଥିଲା। ତେବେ ପୁଣି ଟାୟାର ଟୁ ଲକ୍ଷ୍ମୀ ବସ ଚଳାଚଳ ନେଇ ବସ ମାଲିକ ସଂଘ ପ୍ରତିବାଦ କରିଥିଲେ। ହେଲେ ନିର୍ବାଚନ ଯୋଗୁଁ ତାହା ସ୍ଥଗିତ ରହିଥିଲା। ବର୍ତ୍ତମାନ ସରକାର ବଦଳିଛି, ହେଲେ ବଦଳିନି ପୂର୍ବ ସରକାରଙ୍କ ଯୋଜନା। ଏନେଇ ପରିବହନ ବିଭାଗ କିମ୍ବା ରାଜ୍ୟ ସରକାରଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । କଳାହାଣ୍ଡି ବସ୍ ମାଲିକ ସଂଘ ସଭାପତି ପ୍ରବୋଧ ରଥ କହିଛନ୍ତି, ୧୪ଟି ଜିଲ୍ଲା ଓ ୨୫ଟି ୟୁନିୟନ ଏହି ଆଲୋଚନାରେ ସାମିଲ ହୋଇଛନ୍ତି। ବର୍ଷେ ହେଲା ଆମେ ସଂଗ୍ରାମ ଜାରି ରଖିଛୁ। ଆମର ବସ୍ ମାଲିକ ଓ କର୍ମଚାରୀଙ୍କ ଦୁଃଖ ବୁଝିବାକୁ ସରକାର ଚେଷ୍ଟା କରନ୍ତୁ। ଏହା ଆମ ପେଟପାଟଣାର କଥା। ସରକାର ଆମ ଦାବି ଗ୍ରହଣ କରି ଏହି ସମସ୍ୟାର ସମାଧାନ କରନ୍ତୁ ବୋଲି ଅନୁରୋଧ କରୁଛୁ। ନଚେତ ଆସନ୍ତାକାଲି ସକାଳ ୬ଟାରୁ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସେ କହିଛନ୍ତି।

## ରାସ୍ତାରେ ଜଳିଗଲା ଟ୍ରକ୍-କଣ୍ଟେନର: ଡ୍ରାଇଭର ଜୀବନ୍ତ ଦଗ୍ଧ



ସମ୍ବଲପୁର, ୦୬/୧୦ (ନି.ପ୍ର): ଟ୍ରକ୍-କଣ୍ଟେନର ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଉଭୟ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ସମ୍ବଲପୁର ଜିଲ୍ଲା ଜମନକିରା ଥାନା ୫୩ ନମ୍ବର ଜାତୀୟର କଦଳୀପାଳ ନିକଟରେ ଘଟିଥିଲା ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। କଣ୍ଟେନର ଚାଳକ ରେହେମାନ ଖାନା ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଖଲାସୀ ଗୁରୁତର ଆହତ ହୋଇଛି। ତାଙ୍କୁ ଉଦ୍ଧାର କରାଯାଇ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆଜି ସନ୍ଧ୍ୟା ପ୍ରାୟ ସାମେ ୭ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ▶▶ପୃଷ୍ଠା ୭

## ୩ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ: ମାଓ ମୁକାବିଲା ବୈଠକରେ ଯୋଗଦେବେ



ଭୁବନେଶ୍ୱର, ୬/୧୦ (ନି.ପ୍ର): ଦିଲ୍ଲୀରେ ମାଓ ମୁକାବିଲା ବୈଠକରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏଥିପାଇଁ ଆଜିଠୁ ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କିଛି କେନ୍ଦ୍ରମନ୍ତ୍ରୀଙ୍କୁ ବି ଭେଟିବା କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆସନ୍ତାକାଲି ବୈଠକ ରହିଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏହି ବୈଠକ ବସିବ। ଏଥିରେ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ମଧ୍ୟ ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗଦେବେ। ମାଓ ପ୍ରଭାବିତ ରାଜ୍ୟ ଗୁଡ଼ିକୁ ବିକାଶମୂଳକ ସହଯୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୫ ଜଣ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଏହି ବୈଠକରେ ଯୋଗଦେବେ। ସେହିଭଳି ଅତିରିକ୍ତ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସମେତ କେନ୍ଦ୍ର, ରାଜ୍ୟର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ଶସସ୍ତ୍ର ବଳର ଅଧିକାରୀମାନେ ମଧ୍ୟ ସାମିଲ ହେବେ ବୋଲି କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ସୂଚନା ମିଳିଛି। ଗତ ବର୍ଷ ମଧ୍ୟ ଅକ୍ଟୋବର ୬ ତାରିଖରେ ମାଓ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଅମିତ ଶାହ ସମୀକ୍ଷା ବୈଠକ କରିଥିଲେ। ଏଥିରେ ମାଓବାଦୀଙ୍କୁ ମୂଳୋତ୍ପାଟନ କରିବା ପାଇଁ ଗୃହମନ୍ତ୍ରୀ ବିସ୍ତୃତ ନିର୍ଦ୍ଦେଶନାମା ଦେଇଥିଲେ।

## ପୂଜା ପୂର୍ବରୁ ଉତ୍ପାତ କଲେ ମଦୁଆ: ଅଟୋ ଡ୍ରାଇଭରଙ୍କ ବେକ କାଟି ଦେଲେ

କଟକ, ୦୬/୧୦ (ନି.ପ୍ର): ପାଣ ରତୁ ଆରମ୍ଭରୁ ଉତ୍ପାତ କଲେଣି ମଦୁଆ। ସାମାନ୍ୟ କଥାରୁ ଅଟୋ ଡ୍ରାଇଭରଙ୍କ ବେକ କାଟିଦେଲେ। ଆଜି ସନ୍ଧ୍ୟା ବେଳେ ଏପରି ଘଟଣା କଟକ ଟାଉନ୍‌ରେ ଘଟିଛି। ମଦୁଆଙ୍କ ଆକ୍ରମଣ ଆହତ ହୋଇଥିବା ଡ୍ରାଇଭରଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ମଧୁପାଟଣା ଥାନା ପୁଲିସ ଘଟଣାର ତଦନ୍ତ ଚଳାଇଛି। ଆଜି ସନ୍ଧ୍ୟା ବେଳେ ▶▶ପୃଷ୍ଠା ୭

## ଜବତ ହେଲା ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ବାଣ

ରାଉରକେଲା, ୦୬/୧୦ (ନି.ପ୍ର): ଦୀପାବଳି ଯେମିତି ପାଖେଇ ଆସୁଛି, ଠିକ୍ ସେହିଭଳି ମାଫିଆଙ୍କ ବେଆଇନ ବାଣ କାରବାର ବୃଦ୍ଧି ପାଇବାରେ ଲାଗିଛି। ଏଯାଏ ବାଣ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯାଇନି। କିନ୍ତୁ କିଛି ହୋଲ୍‌ସେଲର ଲକ୍ଷାଧିକ ଟଙ୍କାର ବାଣ ଗଚ୍ଛିତ ରଖିସାରିଲେଣି। ନିୟମର ଖୋଲା ଉଲ୍ଲଂଘନକରି ଜନବସତି ଅଞ୍ଚଳରେ ଥିବା ଗୋଦାମରେ ବାଣ ଗଦା କରୁଛନ୍ତି। ଠିକ୍ ଏଭଳିଭାବେ ବାଣବେପାର କରୁଥିବା ଦୁଇ ଅଭିଯୁକ୍ତଙ୍କୁ ପ୍ଲାଣ୍ଟସାଇଟ୍ ପୁଲିସ ଅଟକ ରଖିଛି। ଡେଲିମାର୍କେଟ୍ ଅଞ୍ଚଳର ଦୁଇ ବାଣବେପାରୀ ବିକାଶ ଅଗ୍ରୱାଲ ଓ ଅଜୟ ଗୁପ୍ତାଙ୍କ ପାଖରୁ ପୁଲିସ ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ▶▶ପୃଷ୍ଠା ୭

## ୯ରେ ପୁଣି ଆସିବ ସୁଭଦ୍ରା ଟଙ୍କା: ବାରିପଦାରୁ ପଠାଇବେ ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୦୬/୧୦ (ନି.ପ୍ର): ସୁଭଦ୍ରା ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ପୁଣି ଖୁସି ଖବର ଆଣିଛନ୍ତି। ଆସନ୍ତା ୯ ତାରିଖ ଦିନ ଏହି ଯୋଜନା ସହିତ ଜଡ଼ିତ ହିତାଧିକାରୀମାନେ ଟଙ୍କା ପାଇବେ। ୨୦୨୪ ଅକ୍ଟୋବର ୯ ତାରିଖ ପୂର୍ବରୁ ରାଜ୍ୟ ସରକାର ପୂର୍ବ ଭଳି ପରୀକ୍ଷାମୂଳକ ଭାବେ ୧ ଟଙ୍କା ପଠାଇବେ। ତା'ପରେ ପ୍ରଥମ କିସ୍ତିର ବାକି ୪,୯୯୯ ଟଙ୍କା ପଠାଇବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାରିପଦାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ଜାରି କରିବେ। ଶ୍ରୀମତୀ ପରିଡ଼ା ମୟୂରଭଂଜରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଟଙ୍କା ପଠାଇବେ। ଆସନ୍ତା ୯ ତାରିଖ ପୂର୍ବରୁ ରାଜ୍ୟ ସରକାର ପୂର୍ବ ଭଳି ପରୀକ୍ଷାମୂଳକ ଭାବେ ସୁଭଦ୍ରା ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧ ଟଙ୍କା ପଠାଇବେ। ତା'ପରେ ପ୍ରଥମ କିସ୍ତିର ବାକି ୪,୯୯୯ ଟଙ୍କା ପଠାଇବେ। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରାଜ୍ୟ ସରକାର ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ସର୍ବ ପ୍ରଥମେ ୧ ଟଙ୍କା ପଠାଇବେ। ପରେ ବାକି ଟଙ୍କା ଖାତାକୁ ଆସିବ। ଏହି ପର୍ଯ୍ୟାୟରେ ୪୦ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବ। ତେବେ ଯେଉଁମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଏହି ପର୍ଯ୍ୟାୟରେ ଟଙ୍କା ଆସିବ ନାହିଁ, ସେମାନେ ଆଗାମୀ ଦିନରେ ପାଇବେ। ସୂଚନାଯୋଗ୍ୟ, ସୁଭଦ୍ର ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଗତମାସ ୧୭ ତାରିଖ ଦିନ ୨୫ ଲକ୍ଷ ୧୧ ହଜାର ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଟଙ୍କା ମିଳିଥିଲା ବୋଲି ରାଜ୍ୟ ସରକାର କହିଥିଲେ। ରାଜ୍ୟ ସରକାର ଆହୁରି ମଧ୍ୟ କହିଥିଲେ ଯେ, ଯେଉଁମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇନାହିଁ, ବ୍ୟସ୍ତ ହୁଅନ୍ତୁ ନାହିଁ। ଶେଷ ହିତାଧିକାରୀଙ୍କ ପର୍ଯ୍ୟନ୍ତ ଟଙ୍କା ପହଞ୍ଚିବ। ଏଥି ପାଇଁ ୨୦୨୫ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କିସ୍ତିରେ ଟଙ୍କା ଯିବ।

## ଡ. ରମାକାନ୍ତ ବେହେରା ସାରସ୍ୱତ ଓ ସାଂସ୍କୃତିକ ପରିଷଦର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ: ପାଞ୍ଚଜଣ ପ୍ରତିଭା ହେଲେ ସମ୍ମାନିତ



ବାଲେଶ୍ୱର, ୦୬/୧୦ (ନି.ପ୍ର): ଏକନିଷ୍ଠ ସାଧନା ଦୃଢ଼ ଅଧ୍ୟବସାୟ ଦିନେ ସଫଳତାର ଶୀର୍ଷ ସ୍ଥାନକୁ ନେଇଥାଏ, ଯାହାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ବରିଷ୍ଠ ସାରସ୍ୱତ ସାଧକ ପ୍ରଧାପକ ଡ. ବେହେରା ବୋଲି ଅତିଥି ମାନେ ତାଙ୍କ ନାମରେ ନାମିତ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବରେ ମତପୋଷଣ କରିଥିଲେ। ପାଞ୍ଚ ତାରିଖ ସଂଧ୍ୟାରେ ଡ. ବେହେରାଙ୍କ ମହତ ଦାନରେ ଗଢ଼ି ଉଠିଥିବା ଅଙ୍ଗାରଗଡ଼ିଆ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ ଡ. ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଲେଖିକା ସୈରିନ୍ଧ୍ରୀ ସାହୁ ଯୋଗଦେଇ ଡ. ବେହେରାଙ୍କ ଜୀବନ, ସାଧନା ଓ ତ୍ୟାଗର ଭୂୟସୀ ପ୍ରଶଂସା କରିଥିଲେ । ଟ୍ରଷ୍ଟର ସଂପାଦକ ଡକ୍ଟର କାଳୀପଦ ପଣ୍ଡା ବିବବରଣୀ ପ୍ରଦାନ ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରି ଥିବାବେଳେ ଡ. ପ୍ରଦୀପ୍ତ କୁମାର ମିଶ୍ର ଉତ୍ସବକୁ ସଞ୍ଚାଳନା କରିଥିଲେ । ପ୍ରଥମ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ମଧୁସୂଦନ ମିଶ୍ର ଏବଂ କବି ପ୍ରଭାତ କୁମାର ଆଚାର୍ଯ୍ୟ କବିତାଗୁଡ଼ିକର ସଂଯୋଜନା କରିଥିଲେ। ଡାକ୍ତର ମଧୁସୂଦନ ଜେନା ଧନ୍ୟବାଦ ଦେଇଥିଲା ବେଳେ ଚଳିତ ୨୦୨୪ ବର୍ଷ ନିମନ୍ତେ ଟ୍ରଷ୍ଟ ପକ୍ଷରୁ ପାଞ୍ଚଜଣ ପ୍ରତିଭାଧରଙ୍କୁ ଅଙ୍ଗବସ୍ତ୍ର, ଉପଢ଼ୌକନ ଏବଂ ପ୍ରଶସ୍ତିପତ୍ର ପ୍ରଦାନକରି ସମ୍ମାନିତ କରାଯାଉଥିଲା, ବିଶିଷ୍ଟ କୃଷିବୈଜ୍ଞାନିକ ତଥା ପୁରାଣ ସାହିତ୍ୟର ଲେଖକ ଡ. କେଶବ ଚରଣ ପଣ୍ଡା ସଂସ୍କୃତ ବିଦ୍ୱାନ୍ ଗୌରୀ ପ୍ରସାଦ ରଥ, ଶିଶୁ ସାହିତ୍ୟିକ ଦେବେନ୍ଦ୍ର ପ୍ରଧାନ, ବିଶିଷ୍ଟ ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ ଏବଂ ଅବସରପ୍ରାପ୍ତା ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଅରୁଣାରାୟ ସମ୍ମାନିତ ହୋଇଥିଲେ । ଡ. ବେହେରାଙ୍କୁ ବହୁ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନ ଜନ୍ମଦିନରେ ଅଭିନନ୍ଦନ ଜଣାଇଥିଲେ ।

# ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା

ଜୟପୁର, ୦୬/୧୦ (ନି.ପ୍ର): ୨୦୨୧ ମସିହାରେ ସୁନାବେଡା ଥାନା ଅଂଚଳରେ ଘଟିଥିବା ୧୦ ବର୍ଷର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଜୟପୁର ସ୍ୱତନ୍ତ୍ର ପୋକ୍ସ ଅଦାଲତ ୧୫ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୨୨ ଟି ଦସ୍ତାବିଜକୁ ଭିତି କରି ସୁନାବେଡା ଥାନା ଅଂଚଳର ଟୁଟୁ ହିଆଲ (୪୩)କୁ ଓଟଢ ର ଧାରା ୩୭୬ଇଈ/୫୧୧ ଏବଂ ପୋକ୍ସ ଆଇନର ଧାରା ୧୮/୬ ରେ ଦୋଷୀ ସାବ୍ୟସ୍ତ କରି ଚଢଉଝଢ ଆଇନର ଧାରା ୧୮/୬ ରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦,୦୦୦/- ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ପୀଡ଼ିତାଙ୍କୁ ୬,୦୦,୦୦୦/- ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ କୁ ନିର୍ଦ୍ଦେଶ । ମୋକଦମାର ବିଚାର ଚାଲିଥିବା ସମୟରେ ପୀଡ଼ିତାଙ୍କୁ ଅନ୍ତରୀଣ ଅନୁକମ୍ପା ରାଶି ବାବଦରେ ଟଙ୍କା ୩,୦୦,୦୦୦/- ଦିଆଯାଇଥିଲା । ପୀଡିତା ବଳକା ଟଙ୍କା ୩,୦୦,୦୦୦/- ପାଇବେ । ଜୋରିମାନା ଟଙ୍କା ଅନାଦେୟ ୪ ମାସ ଅଧିକା ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟ ରେ ଶୁଣାଣି କରିଛନ୍ତି । ୧୨.୧୦.୨୦୨୧ ଦିନ ୧୧ଟା ବେଳେ ନାବାଳିକା ନିଜ ବଡ଼ ଭଉଣୀ ଘରକୁ ଯାଉଥିବା ସମୟରେ ଟୁଟୁ ହିଆଲ ପାଖରେ ଥିବା ନୀଛାଟିଆ ଜାଗାକୁ ନେଇ ଦୁଷ୍କର୍ମ କରିବାକୁ ଉଦ୍ୟମ କରିବା ସମୟରେ ଜଣେ ବ୍ୟକ୍ତି ନିଜ ମୋବାଇଲରେ ଫୋଟୋ ଉଠାଇ ପାଟି କରିଥିଲେ । ଲୋକେ ଜମା ହେବାରୁ ଟୁଟୁ ହିଆଲ ଘଟଣାସ୍ଥଳରୁ ଖସି ପଳାଇ ଥିଲା । ପୀଡିତା ନାବାଳିକାଙ୍କ ପରିବାରକୁ ଅବଗତ କରି, ଫୋଟୋ ଉଠେଇ ଥିବା ବ୍ୟକ୍ତି ନିଜେ ଥାନାରେ ଅଭିଯୋଗ ଦାୟର କରିଥିଲେ । ସୁନାବେଡା ପୋଲିସ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ୍ ଗାୟତ୍ରୀ ଦେବୀ ମାମଲାର ପରିଚାଳନା କରିଥିଲେ ।

# ସାମାଜିକ ଗଣମାଧ୍ୟମରେ ନିଜ ସରକାରର ଅପାରଗତା ସ୍ୱୀକାର କଲେ ଇଂ. ପୂଜାରୀ - ମାନସ ବକ୍ସି

ସମ୍ବଲପୁର, ୦୬/୧୦ (ନି.ପ୍ର): ଗଣମାଧମ ବା ସାମାଜିକ ଗଣମାଧମରେ ବିବାଦୀୟ ବୟାନ ଦେଇ ନିଜେ ଓ ନିଜର ସରକାରକୁ ଆଡୁଆରେ ପକାଇଥିବା ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ଇଂ.ରୋହିତ ପୂଜାରୀ ଶେଷରେ ନିଜ ସରକାରର ଅପାରଗତା ଓ ବିଫଳତାକୁ ପରୋକ୍ଷରେ ସ୍ୱୀକାର କରିଛନ୍ତି ବୋଲି ରାଜ୍ୟ ବିଜେପି ପେନାଲିଷ୍ଟ ମାନସ ବକ୍ସି ପ୍ରକାଶ କରିଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ଇଂ.ରୋହିତ ପୂଜାରୀ 'ସମ୍ବଲପୁରୀଆ ହ୍ୱାଟ୍ସଆପ୍' ଗ୍ରୁପରେ ପରୋକ୍ଷରେ ସ୍ୱୀକାର କରିଛନ୍ତି ଯେ ଆମର ସରକାରର ଅପାରଗତା ଓ କିଛି ଅସଫଳତା ପାଇଁ ଆଜି ଆମେ ବିରୋଧୀରେ ବସିଛୁ ଓ ବିଜେପି ସରକାରରେ ଅଛି । ଏହା ସହିତ ସେ ସେହି ଲେଖାରେ ବର୍ତ୍ତମାନର ମୋହନ ମାଝୀଙ୍କ ସରକାରଙ୍କ ନିକଟରେ କିଛି ଦାବି ମଧ କରିଛନ୍ତି । ଏହାକୁ ନେଇ ବିଜେପି ରାଜ୍ୟ ପେନାଲିଷ୍ଟ ମାନସ ବକ୍ସି ଏକ ପ୍ରେସ ବିବୃତ୍ତିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ଇଂ.ରୋହିତ ପୂଜାରୀ ଏବେ ଯେଉଁ ସବୁ ଦାବି କରିଛନ୍ତି ସେଗୁଡିକ ଆଜିର ଦାବି ନୁହେଁ । ବର୍ଷ ବର୍ଷ, ଦଶନ୍ଧି ଦଶନ୍ଧି ଧରି ସମ୍ବଲପୁରବାସୀ ଏହି ଦାବି ଗୁଡିକ କରି ଆସୁଛନ୍ତି । ହେଲେ ନିଜେ ସରକାରରେ ଥିବା ସମୟରେ କେବେ ବି ଏହି ଦାବିକୁ ନିଜ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିନଥିଲେ । ଇଂ. ପୂଜାରୀ ଏବେ ଯେଉଁସବୁ ଦାବି ଉପସ୍ଥାପନ କରୁଛନ୍ତି ସେହି ଦାବି ସଂଲଗ୍ନ କିଛି ପ୍ରଶ୍ନର ଉତର ରଖିପାରିବେ କି ବୋଲି ବିଜେପି ରାଜ୍ୟ ପେନାଲିଷ୍ଟ ଶ୍ରୀବକ୍ସି ଓଲଟା ପ୍ରଶ୍ନବାଣ ମାରିଛନ୍ତି । ସମ୍ବଲପୁରରେ ହାଇ କୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ ସେ କେବେ ବି ନିଜ ସରକାରଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରିଥିଲେ କି ? ହାଇକୋର୍ଟ ସ୍ଥାୟୀ ବେଂଚ ପ୍ରତିଷ୍ଠା ପାଇଁ ଘଟିଯାଇଥିବା ଐତିହାସିକ ଆନ୍ଦୋଳନର କଳା ଦିବସ ୧୨ ଡିସେମ୍ବର ୨୦୨୨ । ଏହି ଅଘଟଣରେ ଓ ଆଇନଜୀବୀଙ୍କ ଉପରେ ହୋଇଥିବା ଅକଥନୀୟ ଓ ଅମାନୁଷିକ ଅତ୍ୟାଚାର ବେଳେ ସେ କେଉଁଠି ଥିଲେ ? ୨୦୨୩ ଏପ୍ରିଲ ୧୨ ତାରିଖ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ହୋଇଥିବା ଆକ୍ରମଣରେ ତାଙ୍କର ଭୂମିକା ଓ ଆଭିମୁଖ୍ୟ କଣ ଥିଲା ? ସମ୍ବଲପୁରର ପୌର ସମସ୍ୟାକୁ ନେଇ ଏବେ ପ୍ରଶ୍ନ ଉଠାଉଥିବା ଇଂ.ପୂଜାରୀ କହିବେ କି ଦୀର୍ଘ ୧୨ ବର୍ଷ ଧରି ସମ୍ବଲପୁର ମହାନଗର ନିଗମର ନିର୍ବାଚନ କାହିଁକି ତାଙ୍କ ସରକାର କରାଇ ନଥିଲେ ? ଜୁନ ୧୨ ତାରିଖ ଓଡିଶାରେ ମୋହନ ମାଝୀଙ୍କ ନେତୃତ୍ୱରେ ସରକାର ଗଠନ ହେବା ପରେ ସମ୍ବଲପୁରରେ ସଟ୍ଟା ଖେଳ, କୋରେକ୍ସ ଓ ନିଶା ବଟିକା ବିକ୍ରିରେ ଯେଉଁ ଅଙ୍କୁଶ ଲାଗିଲା ସେଥିରେ ଏବେ ପୂର୍ବ ସରକାରଙ୍କ କିଛି ଅସାଧୁ ନେତା ଓ ଅଧିକାରୀ ଏବଂ ନିଶା କାରବାର କରୁଥିବା ବ୍ୟବସାୟୀଙ୍କ ? ଉପରେ କାର୍ଯ୍ୟାନୁଷ୍ଠାନର ଚଡ଼କ ସୃଷ୍ଟି ହୋଇଛି । ପଶ୍ଚିମ ଓଡିଶା ବିକାଶ ପରିଷଦ' ଗଠନ ପର ଠୁଁ ଏହାର ମୁଖ୍ୟାଳୟ ଭୁବନେଶ୍ୱରରେ ଅଛି । ଦୀର୍ଘ ୨୪ ବର୍ଷ ତାଙ୍କ ଦଳ ସରକାରରେ ରହିଥିବା ବେଳେ କାହିଁକି ଏହାର ମୁଖ୍ୟାଳୟକୁ ପଶ୍ଚିମ ଓଡିଶାକୁ ଆଣିପାରିବେ ନାଇଁ ? ସେହିପରି ଟାଟା ପାଓ୍ୱାରର ଦୌରାତ୍ମ, ବାଙ୍ଗାଲାଦେଶୀ ଅନୁପ୍ରବେଶ କାରୀ ଓ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପର ଜନ୍ମଦାତା ସ୍ୱୟଂ ବିଜେଡି ସରକାର ହୋଇଥିବା ବେଳେ ବର୍ତମାନର ବିଜେପି ସରକାରକୁ ସେ କିପରି ଆଙ୍ଗୁଳି ନିର୍ଦ୍ଦେଶ କରି ପାରୁଛନ୍ତି ? ନିର୍ବାଚନରେ ହାରିବା ପରେ ହଠାତ୍ ସମ୍ବଲପୁରର ବିକାଶ ଓ ଉନ୍ନତିକୁ ନେଇ ସାମାଜିକ ଗଣମାଧମରେ ଇଂ.ପୂଜାରୀ ଯେଉଁ ବାହାସ୍ଫୋଟ ମାରୁଛନ୍ତି ତାହା ଯେତିକି ହାସ୍ୟାସ୍ପଦ ସେତିକି ନିନ୍ଦନୀୟ । 'ସମ୍ବଲପୁରୀଆ ହ୍ୱାଟ୍ସଆପ' ଗ୍ରୁପରେ ପୂର୍ବତନ ମନ୍ତ୍ରୀ ତଥା ଇଂ. ପୂଜାରୀଙ୍କ ଲେଖା ଗୁଡିକ ପଢିବା ପରେ ସତେ ଯେମତି ରେଢାଖୋଲର ଉନ୍ନତି ଓ ବିକାଶ ରାଜ୍ୟରେ ନମ୍ବର୍ ଓ୍ୱାନରେ ପହଂଚାଇ ଦେବାପରେ ଏବେ ସମ୍ବଲପୁରର ସାମୁହିକ ବିକାଶ ୧ ନମ୍ବର କରିବା ପାଇଁ ଶ୍ରୀ ପୂଜାରୀ ଗୁରୁ ଦାୟିତ୍ୱ ନେଇଥିବା ମନେହୁଏ । ରେଢାଖୋଲର ସାମଗ୍ରିକ ବିକାଶ ଓ ସର୍ବାଙ୍ଗୀନ ଉନ୍ନତି କରି ସରିବା ପରେ ବିଜେଡି ଜିଲ୍ଲା ସଭାପତି ଇଂ.ପୂଜାରୀଙ୍କୁ ବୋଧେ ସମ୍ବଲପୁରର ସାମଗ୍ରିକ ବିକାଶ ଓ ସର୍ବାଙ୍ଗୀନ ଉନ୍ନତି ଚିନ୍ତା ବେଶ୍ ଘାରିଛି । ସୂଚନାଯୋଗ୍ୟ, ସମ୍ବଲପୁରର ଅନେକ ସଚେତନ ନାଗରିକ, ବୁଦ୍ଧିଜୀବୀ, ସମାଜସେବୀ, ରାଜନୈତିକ ବ୍ୟକ୍ତି ବିଶେଷଙ୍କୁ ନେଇ ଚାଲିଥିବା 'ସମ୍ବଲପୁରୀଆ ହ୍ୱାଟ୍ସଆପ' ଗ୍ରୁପରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଜେଡି ଜିଲ୍ଲା ସଭାପତି ଇଂ.ରୋହିତ ପୂଜାରୀ ନିର୍ବାଚନ ହାରିବା ପରେ ବହୁତ ସକ୍ରିୟ ଅଛନ୍ତି ।

# ରାସ୍ତାକୁ ନଷ୍ଟ କରୁଛି ଓଭରଲୋଡ ଭାରିଯାନ ଚଳାଚଳ

ସମ୍ବଲପୁର, ୦୬/୧୦ (ନି.ପ୍ର): ଓଡିଶାର ଔଦ୍ୟୋଗିକ ଓ ଖଣିଅଂଚଳ, ଯେଉଁମାନଙ୍କ ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ସାମିଲ ଅଛି ସେଠାକାର ଓଭରଲୋଡ ଟ୍ରକ୍ ମାନଙ୍କ ସମସ୍ୟା ଲଗାତାର ବୃଦ୍ଧି ପାଉଛି । ଏହି ଟ୍ରକ୍ କେବଳ ସଡ଼କର ଭୂମିକାଗତ ଗଠନକୁ ଗୁରୁତର ଭାବେ କ୍ଷତି କରୁନାହିଁ , ବରଂ ସାର୍ବଜନୀନ ସୁରକ୍ଷାକୁ ମଧ ବିପଦରେ ପକାଇ ଦେଉଛି । ବିଶେଷକରି ଛତିଶଗଡ଼ ଦିଗରେ ଯାଉଥିବା ଏହି ଓଭରଲୋଡ ଟ୍ରକ ଗୁଡିକ ଦ୍ୱାରା ଦୁର୍ଘଟନା ବଢୁଥିବା ସହ ସଡ଼କର ମଧ କ୍ଷତି ଦିନକୁ ଦିନ ବଢ଼ି ଚାଲିଛି । ଏହି ଯାଂଚ୍ ସମୟରେ ଜଣାପଡ଼ିଛି ଯେ, ଅନେକ ପ୍ରମୁଖ କମ୍ପାନୀର ଟ୍ରକ୍ ନିୟମିତ ଭାବରେ ଓଭରଲୋଡ କରିବାରେ ଜଡିତ ଅଛନ୍ତି । ଯେଉଁମାନଙ୍କ ମଧ୍ୟରେ ଶ୍ୟାମ ଡି.ଆର.ଆଇ., ବିରାଜ ଷ୍ଟିଲ୍, ଏସ.ଏମ.ସି.-୧, ଏସ.ଏମ.ସି.-୨, ଏଲ.ଏନ. ଇସ୍ପାତ୍, ଆର୍ଯ୍ୟନ ଇସ୍ପାତ୍, ରାଥି ଷ୍ଟିଲ୍, ଓ ବି.ଆର. ଷ୍ଟିଲ୍ ଅଛନ୍ତି । ଏହାର ଫଳରେ ସଂପୂର୍ଣ୍ଣ ଅଂଚଳର ସଡ଼କର ଅବସ୍ଥା ଦିନକୁ ଦିନ ଖରାପ ହୋଇଯାଉଛି । ଯାହା ସ୍ଥାନୀୟ ନିବାସୀ ଓ ଯାତ୍ରୀମାନଙ୍କ ସୁରକ୍ଷାକୁ ପ୍ରଭାବିତ କରୁଛି । ଭ୍ରଷ୍ଟାଚାର ଓ ମିଳିଭଗତର ଅଭିଯୋଗ ଏକ ବିଶ୍ୱସ୍ତ ସୂତ୍ରଅନୁଯାୟୀ, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାର ଆର.ଟି.ଓ. (କ୍ଷେତ୍ରୀୟ ପରିବହନ କାର୍ଯ୍ୟାଳୟ) ଓ ଏମ.ଭି.ଆଇ. (ମୋଟର ଭେହିକଲ୍ ନିରୀକ୍ଷକ) କର୍ମଚାରୀମାନଙ୍କୁ କିଛି ଟ୍ରକ୍ ମାଲିକଙ୍କଠାରୁ ଲାଂଚ ନେଇ ଓଭରଲୋଡିଂକୁ ଅନୁମତି ଦେଉଥିବା ଅଭିଯୋଗ ହୋଇଛି । ଛତିଶଗଡ଼ରୁ ଆସୁଥିବା ଟ୍ରକମଧ ଏଥିରେ ଥିବା ଅଭିଯୋଗ ହୋଇଛି । ଯାହାକି ସମସ୍ୟାକୁ ଅଧିକ ଜଟିଳ କରୁଛି । ସାଧାରଣ ଲୋକମାନେ ଅଭିଯୋଗ କରୁଛନ୍ତି ଯେ ଭ୍ରଷ୍ଟ ଅଧିକାରୀ ଓ ଟ୍ରକ୍ ଅପରେଟରମାନଙ୍କର ମିଳିଭଗତେ କାରଣରୁ ଏହି ସମସ୍ୟା ଦିନକୁ ଦିନ ଭୟଙ୍କର ରୂପ ଧାରଣ କରଛି । ଏହି ସମସ୍ୟା ବଢୁଥିବା ଯୋଗୁଁ ପଶ୍ଚିମ ଓଡିଶାବାସୀ ପରିବହନ ବିଭାଗ, ପୋଲିସ, ଓ ତତ୍ପରତା ବିଭାଗଙ୍କୁ ଏହି ମାମଲାରେ ଯୁକ୍ତ ଭାବରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି । ଏପରିକି ଓଭରଲୋଡିଂ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇ ଏଥିରେ ଜଡିତ ସମସ୍ତ ଦୋଷୀଙ୍କ ବିରୋଧରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । ଯଦି ଏହାର ତ୍ୱରିତ କାର୍ଯ୍ୟବାହୀ ପଦକ୍ଷେପ ଗ୍ରହଣ କରାନଯାଏ ତେବେ କେବଳ ରାଜ୍ୟର ସମୃଦ୍ଧି ଗଠନରେ କ୍ୱେଳ ଭୟଙ୍କର କ୍ଷତି ହେବ ନାହିଁ ବରଂ , ଅନ୍ୟପକ୍ଷରେ ସରକାରୀ ସ୍ୱାଧୀନତା ମଧ ପ୍ରଭାବିତ ହେବାର ଆଶଙ୍କା ରହିଛି । ଏହି ଓଭରଲୋଡିଂ ସମସ୍ୟାର ସମାଧାନ ନହେଲେ ରାସ୍ତା ଖରାପ ହେବା ସାଙ୍ଗକୁ ଜନଜୀବନ ମଧ ନଷ୍ଟ ହେବାର ବହୁମାତ୍ରାରେ ଆଶଙ୍କା ରହିଛି । ଏହି ବିଷୟରେ ଜଣାପଡିବା ପରେ ସମ୍ବଲପୁର ଆର.ଟି.ଓ. ଏହି ଶିଳ୍ପଗୁଡ଼ିକୁ ପତ୍ର ଲେଖି ଓଭରଲୋଡିଂ ଟ୍ରକ୍ ଯାନକୁ ବନ୍ଦ କରିବା ଓ ସାମଗ୍ରୀ ପଠାଇବା ବନ୍ଦ କରିବାକୁ ସମ୍ପୃକ୍ତ କମ୍ପାନୀ ମାନଙ୍କୁ ଚିଠି ଲେଖି ତାଗିଦ କରିଛନ୍ତି । କିନ୍ତୁ ଏହି କମ୍ପାନୀ ମାନଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଓଲଟା ସମ୍ବଲପୁର ର ମୋତିଝରଣ, ସୁନାପାଲି, ଗୋଡ଼ଭାଗା, ବରଗଡ଼ର କିଛି ଟ୍ରକ ମାଲିକ ସହିତ ରାୟପୁର ଓ ସରେଇପାଲି ଅଞ୍ଚଳ କେତେକ ଟ୍ରକ ମାଲିକ ନିଜର ଜୋର ଜବରଦସ୍ତି ଟ୍ରକ ପରିବହନ କରୁଥିବା ଅଭିଯୋଗକୁ ଆଧାର କରି ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

# ସ୍ଥାନାନ୍ତର ହେଲା ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର

ଧର୍ମଶାଳା, ୦୬/୧୦ (ନି.ପ୍ର): ରସୁଲପୁର ବ୍ଲକ ବ୍ରହ୍ମବରଦା ପଂଚାୟତ ଅନ୍ତର୍ଗତ ପଠାଣ ମହଲାଠାରେ ଥିବା ଏକ ଜନସାଧାରଣ ସ୍ଥାନରେ ବିପଦ ପୂର୍ଣ୍ଣ ସ୍ଥାନରୁ ଟ୍ରାନ୍ସଫର୍ମର ଅନ୍ୟତ୍ର ସ୍ଥାପନ କରାଯାଇଛି । ଯାହାକୁ ଦେଇ ଅଂଚଳବାସୀ ରାଜ୍ୟସଭା ସଂସଦ ସୁଲତା ଦେଓ ଓ ବ୍ରହ୍ମବରଦା ଟାଟା ପାଓ୍ୱାର କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ଇବ୍ରାର ଅଲ୍ଲୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ସୂଚନା ମୁତବାକ,ବହ୍ମବରଦା ପଂଚାୟତସ୍ଥ ପଠାଣ ମହଲାଠାରେ ବହୁ ଦିନ ହେବ ଏଠାରେ ଏକ ବିଦ୍ୟୁତ୍ ଟ୍ରନ୍ସଫର୍ମର ବସିଥିଲା । ତେବେ ଏଠାରେ ଜନବସତି ବଢିବା ଫଳରେ ସ୍ଥାନୀୟ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଅନ୍ୟତ୍ର ସ୍ଥାନାନ୍ତର ନେଇ ବହୁ ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା । ଫଳରେ ଏନେଇ ଗ୍ରାମବାସୀ ରାଜ୍ୟସଭା ସଂସଦ ସୁଲତା ଦେଓଙ୍କୁ ଜଣାଇଥିଲେ । ଏନେଇ ଶ୍ରୀମତି ଦେଓ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପରେ ତୁରନ୍ତ ଏଠାରୁ ଅନ୍ୟ ସ୍ଥାନାନ୍ତରିତ କରାଯାଇଛି ।

# ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କନ୍ଧମାଳ, ୦୬/୧୦ (ନି.ପ୍ର): ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଫୁଲବାଣୀର ଯୁବ ରେଡକ୍ରସ (ୱାଇ ଆର ସି ) ଏବଂ ଏନଏସଏସ (ଏନ ଏସ୍ ଏସ୍) ୟୁନିଟର ମିଳିତ ଆନୁକୂଲ୍ୟରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା । ଏଥିରେ ମୋଟ ୮୪ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଶିବିରଟିକୁ ମହାବିଦ୍ୟାଳୟର ଅଧକ୍ଷ ଡ଼. ସୁବାସ ଚନ୍ଦ୍ର ପ୍ରଧାନ ଉଦ୍ ?ଘାଟନ କରିଥିଲେ ଓ ସମସ୍ତ ରକ୍ତଦାତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ ଏହା ସହିତ ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନଙ୍କୁ ମଧ ରକ୍ତଦାନ କରିବାକୁ ଆହ୍ୱାନ କରିଥିଲେ । ଏହି ଶିବିରରେ ଫୁଲବାଣୀ ବ୍ଲଡ୍ ବ୍ୟାଙ୍କର ଅଧିକାରୀ ଡ଼. ଜୟଦୀପ ଘୋଷଙ୍କ ନେତୃତ୍ୱରେ ଦୀନକୃଷ୍ଣ ମହନ୍ତ, ସମାଜସେବୀ ପ୍ରଶାନ୍ତ କୁମାର ବେହେରା, ଭି. ଲୋକନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ । ଶିବିରରେ ରକ୍ତ ସଂଗ୍ରହ କାର୍ଯ୍ୟ ରକ୍ତଭଣ୍ଡାର ର କର୍ମଚାରୀ ଦିନକୃଷ୍ଣ ମହନ୍ତ, ପ୍ରଶାନ୍ତ କୁମାର ରନ୍ଧାଲୁ, ଅର୍ଚ୍ଚନା ପ୍ରଧାନ ଓ ବରୁଣ ବେହେରା ପ୍ରମୁଖ ସମ୍ପାଦନ କରିଥିଲେ । ଏହି ଅବସରରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜିକା ତଥା ପ୍ରାଣୀ ବିଭାଗର ଅଧାପିକା ଡ଼. ଅଭିପ୍ସା ବଳ ଓ ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଶ୍ରୀ ବିପିନ ବେହେରା ଶିବିରର ସମଗ୍ର ପରିଚାଳନା କରିଥିଲେ । ଏହି ଶିବିରରେ ପୂର୍ବତନ ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଶ୍ରୀ ସୁକାନ୍ତ କୁମାର ବେହେରା ମଧ ଉପସ୍ଥିତ ଥିଲେ ଏବଂ ସମସ୍ତ ଆଗ୍ରହୀ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକା ମାନେ ଉପସ୍ଥିତ ଥିଲେ । ଯୁବ ରେଡକ୍ରସ ଓ ଏନଏସଏସର ସ୍ୱେଚ୍ଛାସେବୀ ମାନେ ରକ୍ତଦାତାଙ୍କ ପଞ୍ଜିକରଣ କାର୍ଯ୍ୟ ଏବଂ ସେମାନଙ୍କ ସବୁପ୍ରକାର ସୁବିଧାର ସୁନିଶ୍ଚିତ କରିଥିଲେ ।

# ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଓ ପୁରସ୍କାର ବିତରଣ ଉତ୍ସବ

କୋରେଇ, ୦୬/୧୦ (ନି.ପ୍ର): ପାଣିକୋଇଲି ମା ତାରିଣୀ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା ଓ ପୁରସ୍କାର ବିତରଣ ଉତ୍ସବ ମହାଆଡମ୍ବରରେ ଆଜି ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବ ସଭାରେ ମୁଖ୍ୟ ଅତିଥିଭାବେ ଯାଜପୁର ସାଂସଦ ଡକ୍ଟର ରବିନ୍ଦ୍ର ନାରାୟଣ ବେହେରା, ମୁଖ୍ୟ ବକ୍ତାଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ସମ୍ମାନୀତ ଅତିଥିଭାବେ ଯୁକ୍ତ ଦୁଇ ଅଧ୍ୟକ୍ଷ ପ୍ରାର୍ଥସାରଥି ବିଶ୍ୱାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ସାଂସଦ ଶ୍ରୀ ବେହେରା ଶିକ୍ଷାର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିବା ବେଳେ ବିଧାୟକ ଶ୍ରୀ ଦାସ ନାୟକ ଶିକ୍ଷା ଜ୍ଞାନ ଚକ୍ଷୁ ଖୋଲିଦିଏ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଉଚିତ ମାର୍ଗ ଦର୍ଶାଏ ବୋଲି ମତବ୍ୟକ୍ତ କରିଥିଲେ । ସ୍ୱପ୍ନକୁ ଦିଗନ୍ତ ବିସ୍ତାର କରି ସଫଳତା ପାଇଁ କଠିନ ପରିଶ୍ରମ କରି ଆଦର୍ଶ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିଥି ମାନଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଉପଢୌକାନ, ପୁଷ୍ପଗୁଚ୍ଛ ଓ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବରୁ ମହାବିଦ୍ୟାଳୟରେ କରାଯାଇଥିବା ପ୍ରବନ୍ଧ, ରଂଗୋଲି, ଚିତ୍ର ଉତୋଳନ, ବକ୍ତୃତା ଆଦି ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜ୍ଜନ କରିଥିବା ଛାତ୍ର/ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା । ଛାତ୍ର/ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ସହ ଅଧ୍ୟାପକ ମଦନ ମୋହନ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରୀପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଡକ୍ଟର ମହାନ୍ତି ମହାବିଦ୍ୟାଳୟର ଆବଶ୍ୟକୀୟ ଅଭାବ ଅସୁବିଧା ସମ୍ପର୍କୀତ ଦାବି ଅତିଥି ମାନଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ । ଛାତ୍ରୀ ଶୁଭଲକ୍ଷ୍ମୀ ତ୍ରିପାଠୀ ଛାତ୍ର ସଂସଦର ଦାବି ପତ୍ର ପାଠ କରିଥିଲେ । ବିଧାୟକ ସମସ୍ତ ଦାବି ପୂରଣ କରିବା ସହ ଏହି ମହାବିଦ୍ୟାଳୟକୁ ଏକ ମଡେଲ ମହାବିଦ୍ୟାଳୟ କରିବା ପାଇଁ ପୁରାତନ ଛାତ୍ର/ଛାତ୍ରୀଙ୍କ ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଓ ନୂତନ ବିଜ୍ଞାନ ଗୃହ ବିଧାୟକଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା । ଅଧ୍ୟାପକ ସତ୍ୟବ୍ରତ ଦାସ ମଂଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଅଭିମନ୍ୟୁ ପଣ୍ଡା ବେଦମନ୍ତ୍ର ଉଚାରଣ କରିଥିଲେ । ଶେଷରେ ଅଧାପକ ସେମାନାଥ ପତି ଧନ୍ୟବାଦ ଦେଇଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାଇକ୍ ଦୁର୍ଘଟଣାରେ ଯୁବକ ଆହତ

କୋରେଇ, ୦୬/୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାପୋଖରୀ ସଂଯୋଗୀକରଣ ରାସ୍ତାରେ ଆଜି ମଧ୍ୟାହ୍ନରେ ଦୁଇ ଜଣ ଯୁବକ ବାଇକ୍ ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇ ଆହତ ହୋଇଛନ୍ତି । କୁଆଖିଆ ଥାନା ଅନ୍ତର୍ଗତ ଭୋଟକା ଗ୍ରାମର ସୁନିଲ କୁମାର ସାହୁ ଏକ ବାଇକରେ ତାଙ୍କ ସହଯାତ୍ରୀଙ୍କୁ ଧରି ଆସୁଥିବା ବେଳେ ଦୁର୍ଘଟଣା ଘଟିଥିଲା । ଫଳରେ ସୁନିଲ ଆହତ ହୋଇଥିଲେ । ଖବର ପାଇ ରାଜପଥ ପୋଟ୍ରୋଲିଂଗ ଅଧିକାରୀ ଅଶୋକ କୁମାର ବଳ ଓ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ସଦସ୍ୟ ଘଟଣାସ୍ଥଳେ ପହଂଚି ଆହତଙ୍କୁ ନେଇ ପାଣିକୋଇଲିର ଏକ ଘରୋଇ ଚିକସ୍ଚାଳୟରେ ଚିକିତ୍ସା କରାଇଥିଲେ ।

# ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର, ୦୬/୧୦ (ନି.ପ୍ର): ରେଳ ଉପଭୋକ୍ତା ସଂଘର କାର୍ଯ୍ୟକାରିଣୀ ବୈଠକ ସନ୍ଧ୍ୟା ୬ଟା ୩୦ମି. ସମୟରେ ମାଲପଡା ସ୍ଥିତ କାର୍ଯ୍ୟାଳୟରେ ସଂଘର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ରେଳ ଉପଭୋକ୍ତା ସଂଘର ରେଳ ସମୟ ସାରଣୀ ଉନ୍ମୋଚନ ହୋଇଥିଲା । ବରଗଡ ସାଂସଦ ପ୍ରଦୀପ ପୁରୋହିତ ବଲାଙ୍ଗିର - ଭୁବନେଶ୍ୱର ମଧ୍ୟରେ ସକାଳୁଆ ଟ୍ରେନ ଚଳାଇବା ପାଇଁ ଉଦ୍ୟମ କରିଥିବାରୁ ସଂଘର ସଭ୍ୟମାନେ ତାଙ୍କୁ ପ୍ରଶଂସା କରିବା ସହିତ ସାଧୁବାଦ ଜଣାଇବା ପାଇଁ ପ୍ରସ୍ତାବ ଦେଇଥିଲେ । ତା ସହିତ ବଲାଙ୍ଗିର ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ବଲାଙ୍ଗିର ଜିଲ୍ଲା ର ରେଳ ବିଭାଗର ଉନ୍ନତି ପାଇଁ କରିଥିବା ଉଦ୍ୟମକୁ ପ୍ରଶଂସା ସହିତ ତାଙ୍କୁ ମଧ ସଭ୍ୟମାନେ ଧନ୍ୟବାଦ ଜଣାଇଥିଲେ । ବଲାଙ୍ଗିର କିମ୍ବା ବିଚ୍ଛୁପାଲି ରେଳ ଷ୍ଟେସନରେ ପିଆଟି ଲେନ୍ ସଂଯୋଗୀକରଣ କରିବା ପାଇଁ ସଭ୍ୟମାନେ ପ୍ରସ୍ତାବ ଦେଇଥିଲେ ଓ ଉକ୍ତ ରେଳ ଷ୍ଟେସନରେ ରକ୍ଷଣା ବେକ୍ଷଣ କରିବା ବ୍ୟବସ୍ଥା ପାଇଁ ମଧ ପ୍ରସ୍ତାବ ଦେଇଥିଲେ । ପ୍ରକାଶ ଥାଉ କି ବଲାଙ୍ଗିର କୁ ଆସୁଥିବା ବିଭିନ୍ନ ରୋଗୀ, ଦିବ୍ୟାଙ୍ଗ, ଗର୍ଭବତୀ ମହିଳାଙ୍କ ପାଇଁ ଉପଭୋକ୍ତା ସଂଘ ବଲାଙ୍ଗିର-ଦୁର୍ଗ ଟ୍ରେନକୁ ଏକ ନମ୍ବର ପ୍ଲାଟଫର୍ମରେ ଦେବା ପାଇଁ ଅନୁରୋଧ କରିଥିବା ସତ୍ତ୍ୱେ ଏହା ଦିଆ ହୋଇ ନ ଥିଲା । ମାତ୍ର ବିଶିଷ୍ଟ ନେତୃତ୍ୱଙ୍କ ବଲାଙ୍ଗିର ଆଗମନ ସମୟରେ ଏକ ନମ୍ବର ପ୍ଲାଟଫର୍ମରେ ଦେଉଥିବାରୁ ଏହି ଘଟଣା ର ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଥିଲା । ଟ୍ରେନ ଟି ଜନସାଧାରଣଙ୍କ ପାଇଁ ନା ବଡବଡିଆଙ୍କ ପାଇଁ ବୋଲି ସଭ୍ୟମାନେ ନିନ୍ଦା କରିଥିଲେ । ଯଦି ପୁନର୍ବାର ରେଳ ବିଭାଗ ଏ ପ୍ରକାର ପାତର ଅନ୍ତର ମନୋଭାବ ରେଖେ ତାହା ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବା ପ୍ରସ୍ତାବକୁ ଏଡାଇ ଦିଆଯାଇ ନପରେ ।

# ଦୁଇଟି ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ଉ

ଗଂଜାମ, ୦୬/୧୦ (ନି.ପ୍ର): ନିମଖଣ୍ଡି ଥାନାର ଲୋଚାପଡା ଗ୍ରାମ ବିଶ୍ୱକର୍ମା ସାହିରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ପୁଲିସ୍ ଚଢ଼ଉ କରି ୮ ଜଣ ଜୁଆଡିଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୪୬,୩୮୦ ଟଙ୍କା ଓ ୮ଟି ମୋବାଇଲ ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରିଛି । ସେହିପରି ଗୋପାଳପୁର ଥାନା ରବଡ ସାହି ନିକଟରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ପୁଲିସ୍ ଚଢ଼ଉ କରି ୫ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ନଗଦ ୧୬,୭୧୦ ଟଙ୍କା ଓ ୫ଟି ମୋବାଇଲ୍ ଜବତ କରିଛି । ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

# ମୋବାଇଲ ଲୁଟେରା ଗିରଫ

ଧର୍ମଶାଳା, ୦୬/୧୦ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଂଚଳରୁ ଜଣେ ମୋବାଇଲ ଲୁଟେରାଙ୍କୁ କାବୁ କରିଛନ୍ତି ଗ୍ରାମବାସୀ । ଲୁଟେରା ଯୁବକଙ୍କୁ କାବୁ କରି ବ୍ରହ୍ମବରଦା ଥାନାରେ ଜିମା ଦିଆଯାଇଛି । ଏନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଲୁଟେରା ଜଣକ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ଅଶୋକ ଦାସଙ୍କ ପୁଅ ବିଶ୍ୱଜିତ(୩୦) ବୋଲି ଜଣାପଡିଛି । ତାହା ନିକଟରେ ଚୋରୀ ମୋବାଇଲ ଜବତ ହୋଇଥିବା ବେଳେ ପୂର୍ବରୁ ବହୁ ମାମଲାରେ ବିଶ୍ୱଜିତ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏନେଇ ବ୍ରହ୍ମବରଦା ଥାନାରେ ବ୍ରହ୍ମବରଦା ଗ୍ରାମର ନିଶିକାନ୍ତ ପାଢୀ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ମୁତାବକ, ଆଜି ବ୍ରହ୍ମବରଦା ଚଣ୍ଡି ମନ୍ଦିର ପରିସରରେ ମାଆଙ୍କ ନବରାତ୍ର ପୂଜା ଚାଲୁ ରହିଛି । ଅପରାହ୍ନ ମନ୍ଦିରରେ ପହଡ ପଡିବା ପରେ ପୂଜକ ନିଶିକାନ୍ତ ପାଢୀ ବିଶ୍ରାମ ଗୃହରେ ଶୋଇ ପଡିଥିଲେ । ଏହି ସମୟରେ ମୁଣ୍ଡ ଉପରେ ଥିବା ଏକ ଦାମିକିଆ ମୋବାଇଲ ତକିଆ ତଳୁ ଚୋରୀ ହେବା ସମୟରେ ତକିଆ ହଲି ଯାଇଥିଲା । ଫଳରେ ନିଶିକାନ୍ତଙ୍କ ନିଦ ଭାଙ୍ଗି ଯାଇଥିଲା । ଫଳରେ ମୁଣ୍ଡ ଉପରେ ମୋବାଇଲ ନ ଥିବା ଜାଣି ପରି ମନ୍ଦିରରୁ ଜଣେ ଯୁବକ ଦଉଡି ଯିବା ଦେଖି ତାଙ୍କୁ ପିଛା କରିଥିଲେ । ଏହାକୁ ଦେଖି ଗ୍ରାମବାସୀ ନିଶିକାନ୍ତଙ୍କୁ ସହଯୋଗ କରି ଢିହସାହି ନିକଟରେ ଲୁଟେରାକୁ କାବୁ କରି ଚଣ୍ଡି ମନ୍ଦିର ପରିସରକୁ ଆଣିଥିଲେ । ଏନେଇ ଗ୍ରାମବାସୀ ବ୍ରହ୍ମବରଦା ପୋଲିସକୁ ଖବର ଦେଇଥିଲେ । ହେଲେ ପୋଲିସ ଆସିବା ବହୁ ବିଳମ୍ବ ହେବାରୁ ଏନେଇ ଗ୍ରାମବାସୀ ଯାଜପୁର ରୋଡ ଏସଡିପିଓ ସଂଜୟ କୁମାର ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବା ପରେ ବ୍ରହ୍ମବରଦା ପୋଲିସ ଘଟଣାସ୍ଥଳରେ ପଂହଚି ବିଶ୍ୱଜିତକୁ ଥାନାକୁ ଆଣି ପଚରାଉଚୁରା କରିଥିଲା । ଏନେଇ ଥାନାରେ ନିଶିକାନ୍ତ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ବିଶ୍ୱଜିତଙ୍କ ନାମରେ ପୂର୍ବରୁ ଧର୍ମଶାଳା ଥାନାରେ ବହୁ ମାମଲା ରହିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି ।

# ଡିସେମ୍ବର ୧୫ରୁ କୋଣାର୍କରେ ଇକୋ ରିଟ୍ରିଟ୍ ଆରମ୍ଭ

ପୁରୀ , ୦୬/୧୦ (ନି.ପ୍ର): କୋଣାର୍କ ମେରାଇନ ଡ୍ରାଇଭ ଠାରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହେବ । ତେବେ ସମସ୍ତ ବିଭାଗ ସେମାନ ଙ୍କୁ ନ୍ୟସ୍ତ ଦାୟିତ୍ୱ କୁ ତ୍ୱରାନ୍ୱିତ କରିବା ଡିସେମ୍ବର ୧ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପୂର୍ବ ବର୍ଷ ର ଅଭିଜ୍ଞତା ଓ ଅନୁଭବ କୁ ଆଧାର କରି ଚଳିତ ବର୍ଷ ର ଇକୋ ରିଟ୍ରିଟ୍ କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଯେଉଁ ବିଭାଗ ର ଯାହା ଦାୟିତ୍ୱ ତାହାକୁ ନିଷ୍ଠାପର ଓ ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ସେ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ବିଭାଗ ପ୍ରତ୍ୟେକ ଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ କହିଥିଲେ । ପର୍ଯ୍ୟଟନ ବିଭାଗ ଜିଲ୍ଲା ପ୍ରଶାସନ ଓ ଇ ଫାକ୍ଟର ଏଜେନ୍ସି ର ମିଳିତ ସହଯୋଗ ରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୫ ରୁ ୩ ମାସ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଲକଜରି ଟେଂଟ ବ୍ୟବସ୍ଥା କରାଯିବ ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ । ଇକୋ ରିଟ୍ରିଟ୍ ସମୟରେ ଜଳକ୍ରିଡା,ବିଚ ସ୍ପୋର୍ଟସ, ଇଣ୍ଡୋର ଗେମ ଇତ୍ୟାଦି ବ୍ୟବସ୍ଥା ମଧ ଉପଲବ୍ଧ ହେବ । ନିରବଛିନ୍ନ ବିଦ୍ୟୁତ ଯୋଗାଣ, ପାଣି ଯୋଗାଣ, ଚନ୍ଦ୍ରଭାଗା ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ, ମୋବାଇଲ ନେଟୱାର୍କ ସହ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା,୨୪ ଘଂଟିଆ ଲାଇଫ ଗାର୍ଡ ବ୍ୟବସ୍ଥା କରାଯିବ । ପର୍ଯ୍ୟଟକ ମାନଙ୍କ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ମଧ କରାଯିବ ବୋଲି ସ୍ଥିର ହୋଇଛି । ସମସ୍ତ କାର୍ଯ୍ୟ କୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଆସୁଥିବା ପର୍ଯ୍ୟଟକ ମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସେହିପରି ଆଲୋକୀକରଣ ପାଇଁ ବ୍ୟବହୃତ ସିଷ୍ଟମ ଗୁଡିକ କୋଣାର୍କ ଏନଏସି ପକ୍ଷରୁ ଇକୋ ରିଟ୍ରିଟ ପରେ ଖୋଲି ଦାୟିତ୍ୱ ରେ ରଖାଯିବା ଓ ପରବର୍ତ୍ତୀ ବର୍ଷ ମାନଙ୍କ ରେ ଉପଯୋଗ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଡିଏଫଓ ବିବେକ କୁମାର,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି,ସିଡ଼ିଏମଓ ଡା ରୂପଭାନୁ ମିଶ୍ର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଅନ୍ୟାନ୍ୟ ବିଭାଗ,ଲାଇନ ଡିପାର୍ଟମେଂଟର ଅଧିକାରୀ ଓ ଇକୋ ରିଟ୍ରିଟ୍ ର ଆୟୋଜନ କରୁଥିବା ଇ ଫାକ୍ଟର ର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଇକୋ ରିଟ୍ରିଟ ପାଇଁ ବର୍ତ୍ତମାନ ଠାରୁ ବୁକିଂ ଆରମ୍ଭ ହୋଇଛି ବୋଲି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ ।

# ଝରଣାର ସହର ନୈନିତାଲ୍



ବରଫ ଆଚ୍ଛାଦିତ ପାହାଡ଼ ମଧ୍ୟଭାଗରେ ସ୍ଥିତ ନୈନିତାଲ୍‌କୁ ବିଭିନ୍ନ ଝରଣା ଘେରି ରହିଛି । ଏହି ଝରଣାମାନଙ୍କ ମଧ୍ୟରେ ପ୍ରମୁଖ ଝରଣା ନୈନି ରହିଛି ଯାହାର ନାମାନୁଯାୟୀ ସ୍ଥାନଟିର ନାମ ନୈନିତାଲ୍ ରଖଯାଇଛି । ଏହାକୁ "ଝରଣାର ସହର" ମଧ୍ୟ କୁହାଯାଏ । ଦେଶର ପ୍ରମୁଖ ପର୍ଯ୍ୟଟନସ୍ଥଳ ମଧ୍ୟରେ ନୈନିତାଲ୍ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । 'ସରୋବର ନଦୀ' ନାମରେ ପରିଚିତ ଥିବା ଏହି ସହରର ସୌନ୍ଦର୍ଯ୍ୟ କେବଳ ଦେଶରେ ନୁହେଁ, ବରଂ ବିଦେଶରେ ମଧ୍ୟ ଚର୍ଚ୍ଚା ହେଉଛି ।

ଏହି ମନୋରମ ସ୍ଥଳର ଅନୁସନ୍ଧାନ ବେରନ୍ ନାମକ ବ୍ରିଟିଶ ଅଧିକାରୀ ୧୮୪୧ରେ କରିଥିଲେ ବୋଲି କୁହାଯାଏ । ପାହାଡ଼ ଉପରେ ତିଆରି ହୋଇଥିବା ଛୋଟଛୋଟ ସୌନ୍ଦର୍ଯ୍ୟମୟୀ ପରିପୂର୍ଣ୍ଣ ବୃକ୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ରାତିରେ ଏହି ସହରର ସୌନ୍ଦର୍ଯ୍ୟ ପ୍ରକୃତରେ ଦ୍ୱିଗୁଣିତ ହୋଇଥାଏ । ଏହାକୁ ଭାରତର ଝରଣା ରାଜ୍ୟ ବୋଲି କୁହାଯାଏ, କାରଣ ସମଗ୍ର ସହରରେ ବିଭିନ୍ନ ଝରଣାର ସମାଗମ ରହିଛି । 'ନୈନି' ଶବ୍ଦର ଅର୍ଥ ହେଲା ଆଖି ଏବଂ 'ତାଲ୍‌ର ଅର୍ଥ ହେଲା ଝିଲ୍ । ଉତ୍ତରାଖଣ୍ଡର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ହେଲା ଝରଣାର ସହର ନୈନିତାଲ୍ ।

**ନୈନି ଝରଣା :**

ସହରର ମଧ୍ୟବର୍ତ୍ତୀ ତଳହଟୀରେ ସ୍ଥିତ ଏହି ପ୍ରାକୃତିକ ଝରଣା 'ଋଷି ସରୋବର' ନାମରେ ପରିଚିତ । ଏଠାରେ ଡଙ୍ଗା ଚଳାଇବାର ମଜା ସତରେ ନିଆରା ।



**ନୈନୀ ଦେବୀ ମନ୍ଦିର :**

ଶିବରାତ୍ରି ଦିନ ଏଠାରେ ଶୈବଭକ୍ତଙ୍କ ବିଶାଳ ମେଳା ଦେଖିବାକୁ ମିଳିଥାଏ । ନୈନୀ ଝରଣା ନିକଟରେ ଏହି ଆକର୍ଷଣୀୟ ମନ୍ଦିର ଅବସ୍ଥିତ । କୁହାଯାଏ ନୈନୀ ଦେବୀଙ୍କ ନାମରେ ନୈନିତାଲ୍‌ର ନାମକରଣ କରାଯାଇଛି ।

**ନୈନା ପିକ :**

'ନୈନା ପିକ୍'ହେଉଛି ନୈନିତାଲ୍‌ର ସବୁଠାରୁ ଉଚ୍ଚ ଶିଖର । ଏଠାରେ ଖାଦ୍ୟ ପାନୀୟର ସୁବିଧା ନଥିବା କାରଣରୁ ପର୍ଯ୍ୟଟକଙ୍କୁ ଏନେଇ ପୂର୍ବରୁ ପ୍ରସ୍ତୁତ ରହିବାକୁ ପଡ଼ିଥାଏ । ଏହି ଶିଖରରୁ ନୈନିତାଲ୍‌ର ସୌନ୍ଦର୍ଯ୍ୟ ବେଶ୍ ଆକର୍ଷଣୀୟ ଲାଗିଥାଏ ।

**ମାଲ୍ ରୋଡ୍ :**

ଏଠାକାର ସଡ଼କ ମଲ୍ଲୀତାଲ୍ ଏବଂ ତଲ୍ଲୀତାଲ୍‌କୁ ପରସ୍ପର ସହ ସଂଯୋଗ କରିଥାଏ ।



**ଚିଡ଼ିଆଖାନା :**

ନୈନିତାଲ୍ ଠାରୁ ମାତ୍ର ୧ କିଲୋମିଟର ଦୂରତ୍ୱରେ ଥିବା ଏହି ଚିଡ଼ିଆଖାନାରେ ପାହାଡ଼ୀ କଳାଭାଲୁ, ଚିତା, ବାଘ, ଜଙ୍ଗଲୀ ବିରାଡ଼ି, ହରିଣ ଆଦି ପଶୁ ଦେଖିବାକୁ ମିଳନ୍ତି । ଏଠାରୁ ମଲ୍ଲୀତାଲ୍ ଏବଂ ଏହାର ଆଖପାଖ ସ୍ଥାନ ବେଶ୍ ସୁନ୍ଦର ଦେଖାଯାଇଥାଏ ।

**ରୋପ୍‌ୱେ :**

ମଲ୍ଲୀତାଲ୍ ଠାରୁ ସ୍ନୋ ଭ୍ୟୁ ପର୍ଯ୍ୟନ୍ତ ରୋପ୍‌ୱେ ମାଧ୍ୟମରେ ଯାଇପାରିବେ । ଏଥିପାଇଁ ସ୍ୱତନ୍ତ୍ର ଟିକଟ୍ କରିବାର ନିୟମ ରହିଛି ।

**ହନୁମାନ ଗଢ଼ୀ :**

ନୈନିତାଲ୍ ଠାରୁ ୩ କିଲୋମିଟର ଦୂରରେ ହନୁମାନ ଗଢ଼ୀ ୧,୯୫୧ ମିଟର ଉଚ୍ଚରେ ଅବସ୍ଥିତ । ସୂର୍ଯ୍ୟାସ୍ତ ସମୟର ଅପରୂପ ସୌନ୍ଦର୍ଯ୍ୟ ତଥା ମନ୍ଦିର ନିମନ୍ତେ ସ୍ଥାନଟି ପ୍ରସିଦ୍ଧ ।

**ଭୀମତାଲ :**

ନୈନିତାଲ୍ ଠାରୁ ୨୩ କିଲୋମିଟର ଦୂରସ୍ଥିତ ଭୀମତାଲ ବିଷୟରେ କୁହାଯାଏ ଯେ, ଏହାର ନିର୍ମାଣ ମହାଭାରତ କାଳରେ ହୋଇଥିଲା । ଏହି ଝରଣାର ମଧ୍ୟଭାଗରେ ଥିବା ଟାପୁରେ ଅବସ୍ଥିତ ରେସ୍ତୋରାଁ ପର୍ଯ୍ୟଟକଙ୍କୁ ବେଶ୍ ଦୂରରୁ ଆକର୍ଷିତ କରିଥାଏ । ଭୀମତାଲରେ ବୋଟିଂ ବ୍ୟବସ୍ଥା ମଧ୍ୟ କରାଯାଇଛି ।



**ସାତତାଲ :**

ନୈନିତାଲ୍ ଠାରୁ ୨୨ କିଲୋମିଟର ଦୂରରେ ୭ଟି ଝରଣାର ସୁନ୍ଦର ସମାଗମ ରହିଛି, ଯାହାକୁ ସାତତାଲ ନାମରେ ନାମିତ କରାଯାଇଛି ।

**ନୌକୁଚିୟାତାଲ :**

ଭୀମତାଲଠାରୁ ୪ କିଲୋମିଟର ଦୂରରେ ରହିଛି ନୌକୁଚିୟାତାଲ । ପର୍ଯ୍ୟଟକଙ୍କ ଜଳକ୍ରୀଡ଼ା ପାଇଁ ଏଠାରେ ସୁବ୍ୟବସ୍ଥା ହୋଇଛି ।

ରାମଗଢ଼ :

ରାମଗଡରେ ସେଓ ବିଗିଚା ଦେଖିବାକୁ ବେଶ୍ ଆକର୍ଷଣୀୟ ଲାଗିଥାଏ । ନୈନିତାଲ୍ ଠାରୁ ଏହା ୨୬ କିଲୋମିଟର ଦୂରରେ ଅବସ୍ଥିତ । କୁହାଯାଏ ରବିନ୍ଦ୍ରନାଥ ଟାଗୋର 'ଗୀତିଞ୍ଜଳୀ'ର ରଚନା ଏହି ସ୍ଥାନରୁ କରିଥିଲେ ।

**ମୁକ୍ତେଶ୍ୱର :**

ଏହି ରମଣୀୟ ସ୍ଥଳ ନୈନିତାଲଠାରୁ ୫୨ କିଲୋମିଟର ଦୂରରେ ଅବସ୍ଥିତ । ଏହି ସ୍ଥାନରୁ ହିମାଳୟର ବରଫ ଆଚ୍ଛାଦିତ ଶିଖର ବହୁତ ଆକର୍ଷଣୀୟ ଲାଗେ । ଏଠାରେ ଭାରତୀୟ ପଶୁ ଚିକିତ୍ସା ଅନୁସନ୍ଧାନର ମୁଖ୍ୟ କାର୍ଯ୍ୟାଳୟ ରହିଛି ।

**ନୈନିତାଲ ଯିବେ କିପରି... :**

**ରେଳମାର୍ଗ:** ଏଠାରୁ ନିକଟତମ ରେଳ ଷ୍ଟେସନ କାଠଗୋଦାମ ରହିଛି, ଯାହା ନୈନିତାଲ୍ ୩୫ କିଲୋମିଟର ଦୂରରେ ଅବସ୍ଥିତ । କାଠଗୋଦାମଠାରୁ ନିୟମିତ ବସ୍ ଏବଂ ଟାକ୍ସି ସେବା ଉପଲବ୍ଧ ରହିଛି । ନୈନିତାଲ ପହଞ୍ଚିବା ପାଇଁ ଅନ୍ୟ ଏକ ରେଳ ଷ୍ଟେସନ ଲାଲକୁଆଁ ମଧ୍ୟ ରହିଛି । ଲାଲକୁଆଁ ନୈନିତାଲଠାରୁ ୫୩ କିଲୋମିଟର ଦୂରରେ ଅବସ୍ଥିତ ।

**ସଡ଼କମାର୍ଗ:** ସମୀପବର୍ତ୍ତୀ ପ୍ରଦେଶ ମଧ୍ୟରେ ନୈନିତାଲ୍ ପାଇଁ ସ୍ୱତନ୍ତ୍ର ବସ୍ ସେବା ରହିଛି ।



# ନବଜାତ ଶିଶୁକୁ ନଦୀରେ ପହଁରାଇବା ପରମ୍ପରା



କୌଣସି ମନସ୍କାମନା ପୂରଣ ହେଲେ ଦେବୀ ଦେବତାଙ୍କୁ ପୂଜାର୍ଚ୍ଚନା କରାଯିବା ସହ ପ୍ରସାଦ ଅର୍ପଣ କରାଯାଇଥାଏ । କିନ୍ତୁ ମଧ୍ୟପ୍ରଦେଶର ବେତୁଲଠାରେ ମନସ୍କାମନା ପୂରଣ ହେଲେ ନବଜାତ ଶିଶୁଙ୍କୁ ପୂର୍ଣ୍ଣା ନଦୀରେ ପହଁରାଇବା ପରମ୍ପରା ରହିଛି ।

ପୂର୍ଣ୍ଣା ଦେବୀଙ୍କ ଉପାସନା କଲେ ଦମ୍ପତିଙ୍କ ମନସ୍କାମନା ପୂରଣ ହେବା ସହ ପିତା ମାତା ହେବାର ସୌଭାଗ୍ୟ ଲାଭ କରିଥାନ୍ତି । ଯେଉଁମାନଙ୍କ ମନସ୍କାମନା ପୂରଣ ହୁଏ, ସେମାନେ କାର୍ତ୍ତିକ ମାସ ପୂର୍ଣ୍ଣିମା ପରେ ବିଶେଷ ପୂଜା ପଦ୍ଧତିର ଆୟୋଜନ କରିଥାନ୍ତି । ମନ୍ଦିର ନିକଟରେ ଥିବା ଚନ୍ଦ୍ରପୁତ୍ରୀ ନଦୀକୁ ପୂର୍ଣ୍ଣାନଦୀ ବୋଲି କୁହାଯାଏ । ଏଥିରେ ଦମ୍ପତି ନିଜ ପିଲାଙ୍କୁ ଟୋକେଇରେ ଶୁଆଇ ଭସାଇ ଦେଇଥାନ୍ତି ।

ଏଠାକୁ ଆସିଥିବା ଜନୈକ ମହିଳା ଲିନାଙ୍କ କହିବା ଅନୁସାରେ, ବାହାଘରର ୮ ବର୍ଷ ପରେ ମଧ୍ୟ ମା' ସୌଭାଗ୍ୟ ଲାଭ କରି ପାରିନଥିଲେ । ତେଣୁ ୨ବର୍ଷ ପୂର୍ବେ ଏଠାକୁ ଆସି ପୂର୍ଣ୍ଣା ମା'ଙ୍କ ନିକଟରେ ଜନନୀ ସୁଖପ୍ରାପ୍ତି ପାଇଁ ପ୍ରାର୍ଥନା କରିଥିଲେ । ତାଙ୍କ ମନସ୍କାମନା ପୂରଣ ହେବାପରେ ଚଳିତବର୍ଷ ନିଜ ନବଜାତ ଶିଶୁକୁ ପରମ୍ପରା ଅନୁସାରେ ତାକୁ ଟୋକେଇରେ ଶୁଆଇ ନଦୀରେ ପହଁରାଇଛନ୍ତି । ଶିଶୁ ଟୋକେଇ ସହକାରେ ନଦୀରେ ବୁଡ଼ିଯିବାର ଭୟ ତାଙ୍କର ରହିଛି କି ନାହିଁ ଏ ବିଷୟରେ ତାଙ୍କୁ ପଚରା ଯାଇଥିଲା ! ତେବେ ଏହାର ଉତ୍ତରରେ ସେ କହିଥିଲେ ପୂର୍ଣ୍ଣାଦେବୀଙ୍କ ଆର୍ଶୀବାଦରେ ସେ ଜନନୀ ହେବାର ସୁଖ ପାଇଛନ୍ତି; ତେଣୁ ତାଙ୍କ ଶିଶୁ ପ୍ରତି କୌଣସି ବିପଦ ନଥିବା ପ୍ରକାଶ କରିଥିଲେ ।

ଏହାକୁ ଅନ୍ଧବିଶ୍ୱାସ କୁହନ୍ତୁ ଅବା ଆସ୍ଥା, କିନ୍ତୁ କାର୍ତ୍ତିକ ମାସରେ ପାଳିତ ହେଉଥିବା ଏହି ମେଳାରେ ଶହଶହ ଦମ୍ପତି ମନସ୍କାମନା ପୂରଣ କରିବା ଉଦ୍ଦେଶ୍ୟରେ ନିଜ ଶିଶୁ ଜୀବନକୁ ପାଣି ଛଡାଇ ଏହି ପରମ୍ପରା ପାଳନ କରି ଆସୁଛନ୍ତି । ମେଳା ସମିତି ସଦସ୍ୟ ସୁରେଶ ତିୱାରିଙ୍କ କହିବା ଅନୁଯାୟୀ, ଏହି ମେଳା ଏବଂ ନବଜାତ ଶିଶୁଙ୍କୁ ପହଁରାଇବା ପରମ୍ପରା ବହୁ ବର୍ଷରୁ ଚାଲି ଆସୁଛି । ଏହାକୁ ଲୋକେ ବେଶ୍ ଶ୍ରଦ୍ଧା ଏବଂ ଭକ୍ତିପୂର୍ବକ ପାଳନ କରିଥାନ୍ତି । ପିଲାଙ୍କୁ ନଦୀରେ ପହଁରାଇବା ହେଲା ଆସ୍ଥାର ସ୍ୱରୂପ । ଏଠାରେ କୌଣସି ପ୍ରକାର ଯୁକ୍ତି କିମ୍ବା ତର୍କର ପ୍ରଶ୍ନ ଉପୁଜିନାହିଁ । ପିଲାଙ୍କୁ ଟୋକେଇରେ ଶୁଆଇ ପହଁରାଇବା କାର୍ଯ୍ୟକୁ କେତେକ ଅଭିଜ୍ଞ ଲୋକଙ୍କ ଉପରେ ନ୍ୟସ୍ତ ରହିଛି । ପ୍ରଶାସନ ପକ୍ଷରୁ ମେଳାକୁ ଆସୁଥିବା ଲୋକଙ୍କ ସୁରକ୍ଷା ନିମନ୍ତେ ପୁଲିସ ଯବାନମାନଙ୍କୁ ସଜାଗ ରଖାଯାଇଥାଏ ।

# ବ୍ରେଷ୍ଟ କ୍ୟାନସରର୍ ସମ୍ଭାବନା କମାଏ ଫଳ ଓ ସବୁଜ ପନିପରିବା




ଏକ ଗବେଷଣା ଜନିତ ତଥ୍ୟ ଅନୁଯାୟୀ ଯେଉଁ ମହିଳାମାନେ ଟିନଏଜ୍‌ରେ ଭରପୁର ମାତ୍ରାରେ ସେଓ, କଦଳୀ ଓ ବିଭିନ୍ନ ପ୍ରକାର ସବୁଜ ପନିପରିବା ଖାଇଥିବେ ସେମାନଙ୍କୁ ବ୍ରେଷ୍ଟ କ୍ୟାନସର ହେବାର ସମ୍ଭାବନା ଅନ୍ୟ ମହିଳାଙ୍କ ତୁଳନାରେ ବହୁତ କମ୍ । ଫଳ ଓ ସବୁଜ ପନିପରିବାରେ ଭରପୁର ମାତ୍ରାରେ ଫାଇବର ଓ ଭିଟାମିନ ରହିଛି ଯାହା ବ୍ରେଷ୍ଟ କ୍ୟାନସରରୁ ସୁରକ୍ଷା ଦେଇଥାଏ । ଟିନଏଜରେ ଫଳ ଓ ସବୁଜ ପନିପରିବା ଖାଇବା ଦ୍ୱାରା ବ୍ରେଷ୍ଟ କ୍ୟାନସରର ସମ୍ଭାବନା ୨୫ ପ୍ରତିଶତ ହ୍ରାସ ପାଇଥାଏ । ଏହି ତଥ୍ୟ ହାସଲ ପାଇଁ ଗବେଷକମାନେ ୯୦,୦୦୦ ନର୍ସଙ୍କ ଉପରେ ୨୦ ବର୍ଷ ଧରି ଅଧ୍ୟୟନ କରିଥିଲେ ।

**GOVERNMENT OF ODISHA**
**DEPARTMENT OF WATER RESOURCES**

**OFFICE OF THE SUPERINTENDING ENGINEER**
**JAGATSINGHPUR IRRIGATION DIVISION**

TENDER CALL NOTICE
INVITATION FOR BIDS (IFB)

**IDENTIFICATION NO-JID-07/2024-25**

The Superintending Engineer, Jagatsinghpur Irrigation Division on behalf of Governor of Odisha invites Percentage Rate off-line Bid in sealed cover from eligible class of registered contractors for execution of civil works as detailed in the table mentioned below registered with State Government & contractors of equivalent grade / class registered with Central Government / MES/ Railway to be eventually drawing agreement in P-1 contract forms of Govt. of Odisha.

| | | | |
|---|---|---|---|
| 1- | Name of work | : | Detail can be seen in the DTCN of the respective works |
| 2- | Total No. of Works | : | 48 (Forty eight) Nos |
| 3- | Estimated Cost put to Tender (Approx.) | : | Varies from Rs.1.03 lakhs to Rs. 4.99 lakhs Details can be seen in the DTCN of the respective works |
| 4- | Cost of Bid Documents | : | Details can be seen in DTCN |
| 5- | Bid Security of the estimated cost put to tender | : | Details can be seen in DTCN |
| 6- | Period of Completion | : | Details can be seen in DTCN |
| 7. | Other details as follows | | |
| | (i) Tender Inviting Authority | : | Superintending Engineer, Jagatsinghpur Irrigation Division, Jagatsinghpur |
| | (ii) Availability of Tender Document for bidding | : | Dt.08.10.2024 from 10.00 A.M to Dt.21.10.2024"up to 5.30 P.M |
| | (iii) Date of opening of Bid Document | : | On Dt. 22.10.2024 at 11.00 A.M in the office of the Superintending Engineer, Jagatsinghpur, Irrigation Division |
| | (iv) Decision to Conduct lottery | : | If required the transparent lottery shall be conducted on dt.23.10.2024 at 11.00 A.M onwards in the office of the Superintending Engineer, Jagatsinghpur Irrigation Division |

**Sd/-**
**Superintending Engineer**
**Jagatsinghpur Irrigation Division,**
**Jagatsinghpur**

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୁର୍ଦ୍ଦଶାରେ ଜୀବନ୍ତ ଠାକୁର

ଯଦି ଜଣେ ବାପା ନିଜ ସନ୍ତାନର ପ୍ରଥମ ପାଦ ବଢ଼ାଇବା ପାଇଁ ସାହାଯ୍ୟ କରି ପାରନ୍ତି ତେବେ ସେହି ପୁଅ ନିଜ ବାପାର ଶେଷ ପାଦ ଉଠାଇବା ପାଇଁ କାହିଁକି ସାହାଯ୍ୟ କରେ ନାହିଁ? ଯେଉଁ ପିଲାଙ୍କ ଖୁସି ପାଇଁ ମା'ବାପା ନିଜର କଷ୍ଟାର୍ଜିତ ଅର୍ଥରୁ ଗୋଟି ଗୋଟି କରି ସବୁ ହସିହସି ଖର୍ଚ୍ଚ କରିଦେଇଥା'ନ୍ତି, ସେହି ପିଲାମାନେ ବଡ଼ ହେବା ପରେ ମାତାପିତାଙ୍କ ପାଇଁ ଚଷମାଟିଏ ମଧ୍ୟ କିଣି ଦେବା ପାଇଁ କାହିଁକି କୁଣ୍ଠାବୋଧ କରନ୍ତି? ଜୀବନସାରା ନିଜର ଖୁସିକୁ ସନ୍ତାନମାନଙ୍କ ପାଇଁ ଉତ୍ସର୍ଗ କରିଦେଇଥିବା ନିଜ ମା' ବାପାଙ୍କୁ କେଉଁ ଅପରାଧରେ ପରିଣତ ବୟସରେ ନିର୍ଯାତନା ଦେଇ ମୃତ୍ୟୁମୁଖକୁ ଠେଲି ଦିଆଯାଏ? ଅକ୍ଟୋବର ମାସ ୧ ତାରିଖ ପରିଣତ ବୟସରେ ଉପନୀତ ବୃଦ୍ଧବୃଦ୍ଧାଙ୍କ ପାଇଁ ସମର୍ପିତ ଦିନଟିଏ। ତା'ପରଦିନ ୨ ତାରିଖ ଦିନ ପିତୃପକ୍ଷର ଶେଷ ଦିନ ବା ମହାଳୟା। ଜନ୍ମଦାତାଙ୍କ ମୃତ୍ୟୁ ପରେ ଆମେ ଲକ୍ଷ ଲକ୍ଷ ଟଙ୍କା ସାରି ଶୁଦ୍ଧକ୍ରିୟା କରୁଛେ, ପ୍ରୟାଗରାଜ ଯାଇ ଗଙ୍ଗା ନଦୀରେ ଅସ୍ଥି ବିସର୍ଜନ କରୁଛେ। ଦରିଦ୍ର ଭୋଜନ, ବ୍ରାହ୍ମଣ ଭୋଜନ ଆଦି ଆୟୋଜନ କରୁଛେ। ପିତୃ ପକ୍ଷ ଉପଲକ୍ଷେ ଆମ ପିତୃପୁରୁଷଙ୍କ ଶାନ୍ତି ଓ ମୋକ୍ଷ ପାଇଁ ବ୍ରାହ୍ମଣ ଭୋଜନ, ପିଣ୍ଡଦାନ ଓ ତିଳ ତର୍ପଣ ଆଦି କରୁଛେ। ଗରୁଡ଼ ପୁରାଣ ହିସାବରେ ଏହା ଆମେ ପ୍ରତିବର୍ଷ କରିବା କଥା। ଏହାସହିତ ଆମେ ଆତ୍ମସମୀକ୍ଷା ମଧ୍ୟ କରିବା ଦରକାର ଯେ ଯେଉଁ ପିତୃପୁରୁଷମାନଙ୍କୁ ମୃତ୍ୟୁ ପରେ ଆମେ ଏତେ ଭକ୍ତି ଓ ଅର୍ଚ୍ଚନା କରୁଛନ୍ତି ସେମାନଙ୍କ ଜୀବଦ୍ଦଶାରେ ଆମେ ତାଙ୍କର ଉପଯୁକ୍ତ ଯତ୍ନ ନେଇଥିଲେ କି ନାହିଁ। ମଣିଷ ଭଳିଆ ବ୍ୟବହାର କରିଥିଲେ କି ନାହିଁ। ଘରେ ଯତ୍ନରେ ରଖି ସେମାନଙ୍କୁ ଭଲରେ ଖାଇବାକୁ ମୁଠିଏ ଦେଇଥିଲେ କି ନାହିଁ। ଆମେମାନେ ଯେତେ ବଡ଼ ହୋଇଗଲେ ମଧ୍ୟ, ଯେତେ ଶୀର୍ଷ ସ୍ଥାନକୁ ଗଲେ ମଧ୍ୟ ଆମ ପିଲାବେଳ କଥା କେବେହେଲେ ଭୁଲି ପାରିବାନି। ସେ ବାପା ଯିଏ ଆମର ଆବଶ୍ୟକତାକୁ ପୂରଣ କରିବା ପାଇଁ ନିଜକୁ ସର୍ବସ୍ୱାନ୍ତ କରି ଦେଇଥା'ନ୍ତି। ମାଆର ପଣତ କାନି, ଯାହା ତଳେ ଆମ ପିଲାଦିନ ହସ ଖୁସିରେ କଟିଥିଲା; ଯିଏ ସାରା ରାତି ଅନିଦ୍ରା ରହି ଆମକୁ ଗୀତ ଶୁଣାଇ ସୁଖ ନିଦ୍ରା ଦେଇଥିଲା; ଆମର ପ୍ରତିଟି ଇଚ୍ଛା, ଖୁସି, ସୁଖ ଓ ସ୍ୱପ୍ନକୁ ସାକାର କରିବା ନିଜ ସୁଖ ଶାନ୍ତ ବଳି ଦେଇଥିଲା; ତା'ର ପରିଣତ ବୟସରେ ଯେତେବେଳେ ସେମାନଙ୍କ ଆଖିର ନିଦ ହଜିଯାଏ, ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ, ସେତେବେଳେ ଆମେ କରୁ କଣ? ପିଲାମାନେ ପିତାମାତାଙ୍କ ପାଇଁ ଖର୍ଚ୍ଚ କରିବା ବଦଳରେ ସଞ୍ଚୟ କରିବା ଖୁବ ଭଲରେ ଶିଖିଛନ୍ତି। ନିଜର ଅସହାୟ, ଦୁର୍ବଳ ଓ ନିରାଶ୍ରୟ ପିତାମାତାଙ୍କୁ ଘରୁ ବାହାର କରିଦେବା ସମାଜର ସବୁଠାରୁ ବଡ଼ ଓ ଅପ୍ରିୟ ସତ୍ୟ ହୋଇଯାଇଛି ଏବଂ ବହୁତ ପରିବାରର ବାସ୍ତବତା ହୋଇ ଯାଇଛି। ଆମର ହାତ ମୁଣ୍ଡକୁ ପାଇଗଲା ପରେ ଆମେ ପୂଜା ଘର ସହିତ ଅଟ୍ଟାଳିକା ତିଆରି କରୁଛେ। ଅଥଚ ଭଗବାନଙ୍କ ସମାନ ବାପାମାଆଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଆସୁଛେ। ସେହିପରି ବାପାଙ୍କ ନାମକୁ ନିଜ ସହିତ ବ୍ୟବହାର କରି ସବୁ ଫାଇଦା ନେଉଛେ। କିନ୍ତୁ ବାପାଙ୍କୁ ଅତ୍ୟନ୍ତ ଅସହାୟ ଅବସ୍ଥାରେ ରାସ୍ତା କଡ଼ରେ ମରିବାକୁ ଛାଡ଼ି ଦେଉଛେ। ପିତାମାତାଙ୍କ ଆଶୀର୍ବାଦରେ ଏତିକି ଶକ୍ତି ରହିଥାଏ ଯେ ବିଧିର ବିଧାନକୁ ମଧ୍ୟ ବଦଳାଇ ଦିଏ। ଘରୁ ପିତାମାତାଙ୍କୁ ବାହାର କରିଦେବା ବେଳେ ଏହି କଥା ହୁଏତ ଆମ ମନରେ ଆସି ଯାଆନ୍ତା କି! ଆମ ଦେଶ ଶ୍ରବଣ କୁମାରଙ୍କ ପରି ପୁତ୍ରକୁ ଜନ୍ମ ଦେଇ ଗର୍ବ କରି ଆସିଛି। ସାରା ଦେଶରେ ଶ୍ରବଣ କୁମାରଙ୍କ ପରି ବହୁତ ସନ୍ତାନ ଅଛନ୍ତି। କିନ୍ତୁ କିଛି ସନ୍ତାନ ଏତେ ଘୃଣ୍ୟ ଅପରାଧ କରୁଛନ୍ତି, ଯେଉଁମାନେ କି ନିଜର ବୃଦ୍ଧ ପିତାମାତାଙ୍କୁ ଖାଇବାକୁ ନ ଦେଇ, ଦେହ ଖରାପ ହେଲେ ଔଷଧ ନ ଦେଇ, ଏପରିକି ମାଡ଼ ମାରି ଘରୁ ବାହାର କରି ଦେଉଛନ୍ତି। ମା' ର ଚରଣରେ ସ୍ୱର୍ଗ ଏବଂ ବାପାଙ୍କ ଚେହେରାରେ ଈଶ୍ୱର ଆଉ ଆଜିକାଲି କେହି ଦେଖିବାକୁ ଚାହୁଁନାହାନ୍ତି। ଆଜିର ପିଢ଼ି ବହୁତ ହୁସିଆର, ବ୍ୟବହାରିକ ଓ ବୁଦ୍ଧିମାନ ହୋଇଗଲେଣି। ସେମାନଙ୍କ ପାଇଁ ପ୍ରତ୍ୟେକ ସମ୍ପର୍କ ଏକ ସିଢ଼ି ଭଳିଆ, ଯାହା ଉପରେ ଚଢ଼ି ସେମାନେ ଆଗକୁ ଚାଲି ଯାଆନ୍ତି। ଆଉ ଯେତେବେଳେ ମୁଣ୍ଡକୁ ହାତ ପାଇଯାଏ ଏବଂ ସେହି ସିଢ଼ି ଆବଶ୍ୟକ ନାହିଁ, ସେତେବେଳେ ତା'କୁ ବାହାରେ ଫୋପାଡ଼ି ଦିଆଯାଏ। ଜୀବନ ଗଛ ପରି ବଢ଼ି ଥାଏ, ସିଢ଼ି ପରି ଉପରକୁ ଯାଏ ନାହିଁ। ଆମେ ସର୍ବଦା ଜାଣି ରଖିବା ଉଚିତ ଯେ ପିତାମାତା ସିଢ଼ି ନୁହନ୍ତି, ବରଂ ସେମାନେ ଗୋଟିଏ ଝଙ୍କାଳିଆ ବରଗଛ ପରି। ବରଗଛ ଯେତେବଡ଼ ହୋଇଯାଉନା କାହିଁକି, ଯେତେ ଝଙ୍କାଳିଆ ହୋଇଗଲେ ମଧ୍ୟ ମୂଳ ବା ଚେରକୁ କାଟିଦେଲେ ନିଶ୍ଚୟ ଝାଉଁଳି ପଡ଼ିବ। ଆମ ସମାଜରେ ଗୋଟିଏ ପ୍ରଥା ସନ୍ତାନମାନେ ଆପଣେଇଛନ୍ତି।

# ଜଳ ପ୍ରଳୟ



**କାଳି ଦାସ**

କଥା ରେ ଅଛି " ଜଳ ବିହୁନେ ସୃଷ୍ଟି ନାଶ ଜଳ ବହୁଲେ ସୃଷ୍ଟି ନାଶ"। ଯଦି ବର୍ଷା ସମୟ ରେ ବର୍ଷା ନ ହେଲା ତାହେଲେ ମରୁଡି ର ଭୟ ସୃଷ୍ଟି ହୁଏ, ଆଉ ଯଦି ଅତ୍ୟଧିକ ବର୍ଷା ହୁଏ ତାହେଲେ ଚାରି ଆଡେ ଜଳ ମଗ୍ନ ହୋଇଥାଏ । ଜଳ ହିଁ ଜୀବନ । କିନ୍ତୁ ସେତିକି ଜଳ ର ଆବଶ୍ୟକତା ରହିଛି ଯେତିକି ଜଳ ଆମ କୃଷି ପାଇଁ ଏବଂ ଆମର ନିତ୍ୟ ବ୍ୟବହାର ପାଇଁ ଆବଶ୍ୟକ । ଆମେ ମାନେ ଭାଗ୍ୟବାନ କାରଣ ଆମ ଦେଶ ରେ ଠିକ ସମୟରେ ମୌସୁମୀ ବର୍ଷା ହୋଇଥାଏ।ମୌସୁମୀ ବର୍ଷା ସହିତ ଚାଷ କାମ ଆରମ୍ଭ ହୋଇଯାଏ । ଯଦି ମୌସୁମୀ ଆସିବାରେ ବିଳମ୍ବ ହୋଇଥାଏ, ଲୋକଙ୍କ ଚିନ୍ତା ବଢିଯାଏ , ଆଜି କାଲି ବର୍ଷା ଆମ ଦେଶ ପାଇଁ ସମସ୍ୟା ନେଇ ଆସିଛି । କାଶ୍ମୀର ଠାରୁ ଓଡିଶା ଯାଏଁ ସବୁଠି ବନ୍ୟା ର ସମସ୍ୟା ଦେଖିବା କୁ ମିଳିଛି । ଦେଶ ର ରାଜଧାନୀ ନୂଆ ଦିଲ୍ଲୀ ମଧ୍ୟ ବନ୍ୟା ଜଳ ରେ ପ୍ରଭାବିତ । ଲାଲକିଲା ଠାରୁ ରାଜଘାଟ ଯାଏଁ ସବୁଠି ବନ୍ୟା ଜଳ ପ୍ରବେଶ କରିଛି । ମହାରଷ୍ଟ୍ର ର ବିଭିର୍ନ୍ନ ସହର ବନ୍ୟା ଜଳ ରେ ପ୍ରଭାବିତ । ବର୍ଷ କୁ ଛ ଟି ଋତୁ । ପ୍ରତ୍ୟେକ ଋତୁ ର ମହତ୍ୱ ଆମ ଜୀବନ ରେ ରହିଛି। ପ୍ରତ୍ୟେକ ଋତୁ ଆମ ପାଇଁ କିଛି ନା କିଛି ନେଇଆସନ୍ତି । ଖରା ଦିନ ବା ଗ୍ରୀଷ୍ମ ଋତୁ ରେ ଆଜି କାଲି ଉତ୍ତାପ ବଢି ଚାଲିଛି । ଖରା ଏବଂ ଗୁଳୁଗୁଳି ଯୋଗୁ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଏବଂ ପ୍ରତିବର୍ଷ ଅଂଶୁଘାତ ରେ ଅନେକ ଲୋକ ମୃତ୍ୟୁବରଣ କରିଥିବା ର ଖବର ମିଳିଥାଏ । ଏହି ବର୍ଷ ମୌସୁମୀ ଓଡିଶା କୁ ଡେରି ରେ ଛୁଇଁଲା ଯାହା ପାଇଁ ଚାଷୀ ମାନଙ୍କୁ ଅନେକ ପ୍ରକାର ର ସମସ୍ୟା ର ସମ୍ମୁଖୀନ ହେବାକୁ ପଡିଲା ।ବନ୍ୟା ଜଳ ଯେତେବେଳେ ସହର ସହର କୁ ବ୍ୟାପୀ ଯାଉଛି ସେତେବେଳେ ଆମର ନୀତି ଦିନିଆ ଜୀବନ କୁ ପ୍ରଭାବିତ କରୁଛି । ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ମୂଳ କାରଣ ହେଉଛି ବର୍ଷା ଜଳ ବର୍ଷା ପାଣି ଠିକ ଭାବ ରେ ପ୍ରବାହିତ ହୋଇପାରୁ ନାହିଁ ।ବିଭିର୍ନ୍ନ ସ୍ଥାନ ରେ ଜମା ହୋଇଥିବା ଅଳିଆ ଅବର୍ଜନା ଓ ପଲିଥିନ ପେକେଟ ପାଣି ର ଗତି କୁ ଅଟକାଇଦେଉଛି । ତେଣୁ ନଦୀ, ନାଳ ଓ ଝରଣା ର ପ୍ରବାହିତ ଜଳ ନିଜ ଗତିପଥ ଛାଡି ସହର, ଗାଁ ଓ ଚାଷ ଜମି ଆଡେ ମୁହାଁଉଛି । ଯେତେବେଳେ ଚାଷ ଜମି ଆଡେ ମୁହାଉଛି ଚାଷୀ ର ଫସଲ ନଷ୍ଟ ହେଉଛି । ଏବେ ଅନେକ ବର୍ଷ ଧରି ଆମେ ଦେଖୁଚୁ ଯେ ବର୍ଷା ପାଣି ବନ୍ୟା ପରିସ୍ଥିତି ସୃଷ୍ଟି କରିଚାଲିଛି ।ବନ୍ୟା ପାଇଁ କେବଳ ପ୍ରକୃତି ଦାଇ ନୁହେଁ ବରଂ କିଛି କାଂଶ ରେ ମଣିଷ ମଧ ଦାଇ।

ବର୍ତ୍ତମାନ ପୁରା ବିଶ୍ୱ ରେ ପରିବେଶକୁ କିପରି ବଞ୍ଚାଇବା ସେଥିପାଇଁ ଆଲୋଚନା ଚାଲିଛି । ପରିବେଶ ଉପରେ ମଣିଷ ବର୍ଷ ବର୍ଷ ଧରି ଅତ୍ୟାଚାର କରିଚାଲିଛି । ଜଙ୍ଗଲ ନଷ୍ଟ କରି ଚାଲିଛି। ପ୍ରଦୁଷଣ ବଢି ଚାଲିଛି । ବାୟୁମଣ୍ଡଳ ରେ ବିଭିର୍ନ୍ନ ବିଷାକ୍ତ ଗ୍ୟାସ ର ମାତ୍ରା ବଢିଯିବା ଫଳ ରେ ଉତ୍ତାପ ବଢୁଛି । ଉତ୍ତପ ବଢିଲେ ବରଫ ଆବୃତ ଗ୍ଲେସିଏର ତରଳୁଛି ଯେଉଁଥି ପାଇଁ ବନ୍ୟା ପରିସ୍ଥିତି ମଧ ସୃଷ୍ଟି ହେଉଛି । ଆମେ ଆଜି ଯଦି ସଚେତନ ନ ହେବା ପରିବେଶର ଯତ୍ନ ଯଦି ନ ନେବା ଏବଂ ଗଛ ଓ ଜଙ୍ଗଲ କୁ ନଷ୍ଟ କରିବା ତେବେ ଦିନେ ମଣିଷ ସମାଜ ବିଲୁପ୍ତ ହୋଇଯାଇପାରେ ।

ଏବେ ପୃଥିବୀ ର ବିଭିନ୍ନ ଦେଶ ରେ ବନ୍ୟା ପରିସ୍ଥିତି ଦେଖିବା କୁ ମିଳୁଛି । ଅନେକ ଥର ବାତ୍ୟା ଏବଂ ତୁଫାନ ମଧ ତା କରାଳ ରୂପ ଆମ କୁ ଦେଖାଉଛି । ପ୍ରକୃତି ଆଗରେ ମଣିଷ ଅସହାୟ। ପ୍ରକୃତି ର ତାଣ୍ଡବ ଆଗରେ ମାନବ ସମାଜ ହାର ମାନିଛି । ଭାଗବତ ର ପୃଷ୍ଠା ରେ ଜଳ ପ୍ରଳୟ ର ବର୍ଣ୍ଣନା ରହିଛି ।ପ୍ରଳୟ ସମୟ ରେ ପ୍ରଚଣ୍ଡ ଉତ୍ତାପ ସହିତ ବନ୍ୟା ଜଳ ଚାରି ପଟେ ବ୍ୟାପୀ ଯାଏ ଏବଂ ସମଗ୍ର ଜୀବ ଜଗତ ନଷ୍ଟ ହୋଇଯାଏ ।

ଭାରତ ରେ ଅନେକ ରାଜ୍ୟ ରେ ବର୍ଷା ଯୋଗୁ ବନ୍ୟା ଜନିତ ସମସ୍ୟା ଦେଖିବା କୁ ମିଳିଛି । ସେହି ରାଜ୍ୟ ଗୁଡିକ ହେଲେ ଦିଲ୍ଲୀ , ଗୁଜରାଟ ଜମ୍ମୁ କାଶ୍ମୀର ଏବଂ ମହାରାଷ୍ଟ୍ର । ଏହି ରାଜ୍ୟ ଗୁଡିକ ରେ ବନ୍ୟା ପାଣି ରାଜ ରାସ୍ତା ଉପର କୁ ଆସିଯାଇଅଛି । କେତେକ ସ୍ଥାନ ରେ ଘର, ଗାଡି ଏବଂ ଅନେକ ବ୍ୟବହାର କରୁଥିବା ଦରକାର ଜିନିଷ ବନ୍ୟା ପାଣି ରେ ଭାସିବା ଦେଖିବା କୁ ମିଳିଛି ଏବଂ ସାଧାରଣ ଲୋକ ପାଖେ ପାଖେ ଶହେରୁ ଉର୍ଦ୍ଧ ମୃତ୍ୟୁ ବରଣ କରିବା ଖବର ଲୋକଲୋଚନ କୁ ଆସିଛି । ବିଭିର୍ନ୍ନ ରାଜ୍ୟ ର ରାଜ୍ୟ ସରକାର ଏବଂ ଏଣ୍ଡିଆରଏଫ ଟିମଙ୍କ ମିଳିତ ଉଦ୍ୟମ ଦ୍ୱାରା ପାଣି ଘେର ରେ ରହିଥିବା ଲୋକଙ୍କୁ ସୁରକ୍ଷା ସ୍ଥାନ କୁ ଅଣାଯାଇଛି ।ରାଜ୍ୟ ସରକାର ଙ୍କ ତରଫ ରୁ ବନ୍ୟା ଜଳ କୁ ନିଷ୍କାସିତ କରିବା ପାଇଁ ଉଦ୍ୟମ ଚାଲିଛି କିନ୍ତୁ ରାଜ୍ୟ ସରକାରଙ୍କ ସବୁ ଯାକ ପ୍ରୟାସ ସମୁଦ୍ର କୁ ଶଙ୍ଖେ। କାରଣ ବର୍ଷା କମିବାକୁ ନା ନେଉନି ଏବଂ ନଦୀ ର ଜଳ ସ୍ତର ବଢିଚାଲିଛି । କେତେ କ ସ୍ଥାନ ରେ ନାଳ ର ପୋଲ ଭୁଷୁଡିଯିବା ଖବର ଗଣମାଧମ ରେ ଆସିଛି । ବନ୍ୟା ଯୋଗୁ ସାଧାରଣ ଲୋକ ବିଭିର୍ନ୍ନ ରୋଗ ରେ ପୀଡିତ ହୋଇଥାନ୍ତି ଯେମିତି କି କଲେରା, ମଲେରିଆ, ଟାଇଫଡ ଚିକେନ ପକ୍ସ ଏବଂ ଡେଙ୍ଗୁ ଜ୍ୱର ରେ ଆକ୍ରାନ୍ତ ହୋଇଥାନ୍ତି ।ମାଛି ମଶାଙ୍କ ଆକ୍ରମଣ ବଢିଯାଏ । ଏଥିପାଇଁ ବିଭିର୍ନ୍ନ ରୋଗ ବ୍ୟାପୀ ଯାଏ ।

+ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର
ମୋ:୭୨୦୫୧୦୦୮୩୯

# ଆଜ୍ଞାନୁବର୍ତ୍ତିତା



**ଅନୀତା ପଟ୍ଟନାୟକ**

ସର୍ବଦା ସତ୍‌କର୍ମ କରିବା ପାଇଁ ଓ ମନୁଷ୍ୟର ଇଚ୍ଛାଶକ୍ତିକୁ ଶୃଙ୍ଖଳିତ କରିବା ପାଇଁ ଚେଷ୍ଟା କରିବା ଉଚିତ। ପ୍ରେମପୂର୍ଣ୍ଣ କାର୍ଯ୍ୟ ହିଁ ଧର୍ମ। ଧର୍ମ ମାର୍ଗ ଆମକୁ ବ୍ରହ୍ମମାର୍ଗକୁ ନେଇଯାଇଥାଏ। ଆଦାମ ଓ ଇଭ ଯଦି ଭଗବାନଙ୍କର କଥା ଅବମାନନା କରିନଥାନ୍ତେ, ଆଜ୍ଞାନୁବର୍ତ୍ତୀ ହୋଇଥାନ୍ତେ ଧର୍ମ ଓ ଜ୍ଞାନର ଚକ୍ଷୁକୁ ବ୍ୟବହାର କରିଥାନ୍ତେ ତେବେ ସେମାନେ ବ୍ରହ୍ମଜ୍ଞାନୀ ହୋଇପାରିଥାନ୍ତେ।

ମୋର ଅଫିସରେ ଜଣେ ଖ୍ରୀଷ୍ଟିଆନ ବନ୍ଧୁ ଥିଲେ। ତାଙ୍କର ନାମ ଥିଲା ଜନ। ଜନ ଅଫିସରେ କର୍ମଚାରୀ ମାନଙ୍କୁ ସବୁବେଳେ ଆଜ୍ଞାନୁବର୍ତ୍ତୀ ହେବାକୁ ଶିକ୍ଷା ଦେଉଥିଲେ। ମୁଁ ତାଙ୍କୁ ପଚାରିଲି ତୁମେ ଆଜ୍ଞାନୁବର୍ତ୍ତୀତାକୁ କାହିଁକି ଏତେ ଗୁରୁତ୍ୱ ଦେଉଛ? ସେ କହିଲେ ଆଜ୍ଞାନୁବର୍ତ୍ତିତା ଧର୍ମର ଏକ ଉପମୂଲ୍ୟବୋଧ। ଅବଜ୍ଞାରୁ ଏ ମାନବ ସମାଜର ସୃଷ୍ଟି। ଏତେ ଦୁଃଖ ଯନ୍ତ୍ରଣାର ଆରମ୍ଭ। ମୁଁ ତାଙ୍କ କଥା କିଛି ବୁଝି ପାରିଲି ନାହିଁ। ମୁଁ ପଚାରିଲି ତୁମେ ଏପରି କାହିଁକି କହୁଛ? ସେ କହିଲେ ଆଦାମ ଓ ଇଭଙ୍କୁ ଭଗବାନ ଏକ ନିଷିଦ୍ଧ ଫଳ ଖାଇବାକୁ ମନା କରିଥିଲେ। ସେମାନେ ଆଜ୍ଞାନୁବର୍ତ୍ତିତା କ'ଣ ବୁଝି ପାରିନଥିଲେ। ତାପରେ ଯାହା ହେଲା ଯାହା ହେଉଛି ତାହା ତୁମ ଆଗରେ ଅଛି।

ମୁଁ କହିଲି ସନାତନ ଧର୍ମରେ ଭଗବାନଙ୍କୁ ଚିହ୍ନିବା ପାଇଁ ଭଗବାନ ପ୍ରତ୍ୟେକ ମଣିଷକୁ ଦୁଇଟି ଆଖି ଦେଇଛନ୍ତି ସେ ଦୁଇଟି ଆଖି ହେଉଛି ଧର୍ମ ଓ ଜ୍ଞାନ। ଜନ ପଚାରିଲେ ଧର୍ମ କ'ଣ? ମୁଁ କହିଲି ସତ୍ୟ ଯେତେବେଳେ କର୍ମରେ ପରିଣତ ହୁଏ ତାହାକୁ ସଦାଚାର ବା ଧର୍ମ କୁହାଯାଏ। ସର୍ବଦା ସତ୍‌କର୍ମ କରିବା ପାଇଁ ଓ ମନୁଷ୍ୟର ଇଚ୍ଛାଶକ୍ତିକୁ ଶୃଙ୍ଖଳିତ କରିବା ପାଇଁ ଚେଷ୍ଟା କରିବା ଉଚିତ। ପ୍ରେମପୂର୍ଣ୍ଣ କାର୍ଯ୍ୟ ହିଁ ଧର୍ମ। ଧର୍ମ ମାର୍ଗ ଆମକୁ ବ୍ରହ୍ମମାର୍ଗକୁ ନେଇଯାଇଥାଏ। ଆଦାମ ଓ ଇଭ ଯଦି ଭଗବାନଙ୍କର କଥା ଅବମାନନା କରିନଥାନ୍ତେ, ଆଜ୍ଞାନୁବର୍ତ୍ତୀ ହୋଇଥାନ୍ତେ ଧର୍ମ ଓ ଜ୍ଞାନର ଚକ୍ଷୁକୁ ବ୍ୟବହାର କରିଥାନ୍ତେ ତେବେ ସେମାନେ ବ୍ରହ୍ମଜ୍ଞାନୀ ହୋଇପାରିଥାନ୍ତେ।

ଜନ୍ ମତେ ବୁଝାଇବାକୁ ଯାଇ କହିଲେ, ଏଇ ଆଦାମ ଓ ଇଭଙ୍କର ଅବୈଧ ମିଳନ ଫଳରେ ଧର୍ମ ଓ ଅଧର୍ମର ସନ୍ତାନମାନେ ଜନ୍ମ ହୋଇ ପଡ଼ିଛନ୍ତି। ଅଧର୍ମ ମିଥ୍ୟାକୁ ବିବାହ କରିବାକୁ ଲାଗିଲା ସେମାନଙ୍କର କନ୍ୟା ଅହଂକାର ଓ ପୁତ୍ର ମୋହ ଜନ୍ମ ହେଲେ। ସେମାନଙ୍କର ଅପବିତ୍ର ମିଳନ ଫଳରେ ପୁତ୍ର ଲୋଭ ଓ କନ୍ୟା କାମନା ଜନ୍ମ ନେଲେ। ମୁଁ ଜନ୍‌କୁ ବୁଝାଇବାକୁ ଯାଇ କହିଲି, ଏଇ ଧର୍ମ ଓ ଅଧର୍ମର ମାର୍ଗକୁ ବୁଝାଇବା ପାଇଁ ଭଗବାନ ବା ପରମପିତାଙ୍କୁ ବାରମ୍ବାର ପୃଥିବୀକୁ ଆସିବାକୁ ପଡୁଛି। ଜନ୍ ପଚାରିଲେ ତୁମେ ଅଧର୍ମ କହିଲେ କ'ଣ ବୁଝ? ମୁଁ ତାଙ୍କୁ ବୁଝାଇବାକୁ ଯାଇ କହିଲି 'ପ୍ରବୃତ୍ତି ସର୍ବସ୍ୱ ଜୀବନ ହିଁ ଅଧର୍ମ' ଓ 'ଆତ୍ମ ସର୍ବସ୍ୱ ଜୀବନ ହେଉଛି ଧର୍ମ'। ଅବତାର ପୁରୁଷମାନେ ଜନ୍ମ ନେଇ ଧର୍ମର ସଂସ୍ଥାପନ କରନ୍ତି। ଆମ ଧର୍ମରେ ସତ୍ୟ ଆତ୍ମାକୁ ବିବାହ କରେ। ସେମାନଙ୍କର ସନ୍ତାନ ସନ୍ତତି ଜନ୍ମ ହୁଅନ୍ତି।

ଏକଥା ଶୁଣି ଜନ୍‌ଙ୍କର ଆଗ୍ରହ ବଢ଼ିଗଲା। ସେ କହିଲେ ସତ୍ୟ ଓ ଧର୍ମର ମିଳନ ଫଳରେ କେଉଁ କେଉଁ ସନ୍ତାନ ଜନ୍ମ ହେଲେ? ମୁଁ କହିଲି ସେମାନଙ୍କ ସନ୍ତାନମାନେ ହେଲେ 'ଶ୍ରଦ୍ଧା', 'ଦୟା', 'ସନ୍ତୁଷ୍ଟି', 'ବୃଦ୍ଧି', 'ଲଜ୍ଜା', 'ତୁଷ୍ଟି', 'ଶାନ୍ତି', 'ଗୌରବ ଓ ମୁକ୍ତି'। ଜନ୍ କହିଲା ତୁମେ ଠିକ କହିଛ। ବର୍ତ୍ତମାନ ଆମକୁ ବିଚାର କରିବାକୁ ହେବ ଆମେ କେଉଁ ବଂଶର ଅର୍ନ୍ତଭୁକ୍ତ? ଧର୍ମ ନା ଅଧର୍ମ। ମୁଁ କହିଲି ବର୍ତ୍ତମାନ ୯୦ଭାଗ ଲୋକ ଅଧର୍ମ ମାର୍ଗର ଅନ୍ତର୍ଭୁକ୍ତ। ଧର୍ମକୁ କେବଳ ବାକ୍ୟରେ ସୀମିତ ରଖିଛନ୍ତି। ମନୁଷ୍ୟ ସଦାଚାରର ପ୍ରତିମୂର୍ତ୍ତି ହୋଇଥିଲେ ମଧ୍ୟ ସେ ଧାର୍ମିକ ଜୀବନ ଯାପନ ଓ ଦୈବତ୍ୱ ସହିତ ସଂପର୍କ ରଖିଥାଏ। ବିଶ୍ୱାସ, ସତ୍ୟ ଓ ଧର୍ମ ନୀତିରେ ଅନୁରକ୍ତ ହୋଇପାରୁନାହିଁ। ଏହିପରି ଲୋକମାନଙ୍କର ବୋଝରେ ପୃଥିବୀ ଭାରାକ୍ରାନ୍ତ ହୋଇଛି। ସେ ଧନ ସଞ୍ଚୟ କରିବା ଅପେକ୍ଷା ଭଗବାନଙ୍କର କରୁଣା ଉପାର୍ଜନ କରିପାରି ନାହିଁ।

ମୁଁ ମୋର ଅଫିସର ଲୋକମାନଙ୍କୁ ଆଜ୍ଞାନୁବର୍ତ୍ତିତା ହେବା ପାଇଁ ଯେତେ କହିଲେ ମଧ୍ୟ ସେମାନେ ଶୁଣୁ ନାହାଁନ୍ତି। ଜନ୍ କହିଲେ ବନ୍ଧୁ ମୋର ଗୀର୍ଜାକୁ ଯିବାର ସମୟ ହେଲାଣି। ମୁଁ କହିଲି ମୋର ମଧ ମନ୍ଦିରକୁ ଯାଇ ପ୍ରାର୍ଥନା କରିବାର ସମୟ ହେଲାଣି ଚାଲ ବିଦାୟ।

+ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ,
ମୋ: ୯୬୯୨୯୮୦୦୨୬

# ଏମସ୍ କେବେ ବାଲେଶ୍ୱର ବାସୀଙ୍କ ସେବାରେ ଆସିବ ?



**ସୁବ୍ରତ କର**

ପ୍ରାୟ ୪-୫ ବର୍ଷ ତଳେ ଏମସ ଡାକ୍ତରଖାନା ଭିତ୍ତି ପଡ଼ିଥିଲା ଏବଂ ସେଠାରେ ଭୁବନେଶ୍ୱର ଏମସ ତରଫରୁ ଅ.ପି.ଡି ଖୋଲା ହୋଇଥିଲା । ଏଇଟା ନିଶ୍ଚିତ ଧର୍ମେନ୍ଦ୍ର ବାବୁଙ୍କ ପାଇଁ ସମ୍ଭବ ହୋଇଥିଲା । ସ୍ୱର୍ଗତ ମଙ୍ଗବାବୁ ଏମ.ଏଲ.ଏ ଥିବାବେଳେ ମେଡିକାଲ କଲେଜ କ୍ରୀୟାନୁଷ୍ଠାନ ତରଫରୁ ତାଙ୍କ ମାଧ୍ୟମରେ ଧର୍ମେନ୍ଦ ବାବୁ ବାଲେଶ୍ୱର ଆସିଥିବାବେଳେ ତାଙ୍କୁ ଅନୁରୋଧ କରାହୋଇଥିଲା ଏବଂ ସେ ବେଳର ଏବଂ ଏବେ ଥିବା ଭାରତ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ଜେ.ପି. ନଡ୍ଡା ମହୋଦୟଙ୍କ ଭିତ୍ତି ପକାହୋଇ ଗୋଟାଏ ବର୍ଷ ଭିତରେ କାର୍ଯ୍ୟକ୍ରମ ହେବାକୁ ସଫଳ ହୋଇଥିଲା । ସେତେବେଳେ ଖାଲି ଅପିଡିର ବ୍ୟବସ୍ଥା କରାହୋଇଥିଲା । ଏବଂ ପରେ ପରେ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଇ ଏକ ଛୋଟ ଏମସ ଡାକ୍ତରଖାନାର ବ୍ୟବସ୍ଥା ପାଇଁ ସବୁ ପ୍ରକାରର ପଦକ୍ଷେପ ନିଆଯିବ ବୋଲି କୁହା ହୋଇଥିଲା ଏବଂ ଏହି କଥା ୩ବର୍ଷ ତଳେ ଖୋଦ୍ ଭୁବନେଶ୍ୱର ଏମସ୍‌ର ନିର୍ଦ୍ଦେଶକ ମହୋଦୟ କଥା ହୋଇ ପାରୁଥିଲେ । ଏମିତି ବ୍ୟବସ୍ଥା ହେବ ଯେ ଉତ୍ତର ଓଡ଼ିଶା ବାସୀଙ୍କୁ ଭୁବନେଶ୍ୱର ଏମସକୁ ଯିବାକୁ ଦରକାର ନ ପଡ଼ି ପାରେ । ଆମ୍ଭେ ସମସ୍ତେ ସେତେବେଳେ ତାଙ୍କର କଥାକୁ ବିଶ୍ୱାସ କରିଥିଲୁ ଏବଂ ଖୁସୀ ମଧ ହୋଇଥିଲୁ । ଏହା ମଧ୍ୟରେ ପ୍ରାୟ ୩ବର୍ଷ କଟି ଗଲାଣି କିନ୍ତୁ କିଛି ସୁଧୁରିବା ଆମେ ଦେଖି ପାରିଲୁ ନାହିଁ । ପ୍ରଥମରୁ ଆରମ୍ଭ ହୋଇଥିବା ସପ୍ତାହ ଶେଷ ଭାଗରେ ୩ଜଣ ଡାକ୍ତର (ବିଭିନ୍ନ ବିଭାଗର) ଭୁବଶ୍ୱେର ଏମସରୁ ଆସି ରୋଗୀ ଦେଖୁଛନ୍ତି । ମୁଁ ଭାବୁଛି ଏବଂ ମୋ ସହିତ ସମସ୍ତେ ବାଲେଶ୍ୱର ବାସୀ ମଧ ଏହାଦ୍ୱାରା ବିଶେଷ କିଛି ଫରକ ପଡୁନାହିଁ । ନିର୍ଦ୍ଦେଶକଙ୍କ ପାଖରେ ଆମେ ସର୍ତ୍ତ ରଖିଥିଲୁ ଯେ ଯେଉଁ ରୋଗୀ ଏଇଠି ଦେଖେଇବ ଏବଂ ସେହି ରୋଗୀର ଦରକାର ପଡ଼ିଲେ ଭୁବନେଶ୍ୱର ଏମସକୁ ଗଲେ କିବା ଟିକିଟରେ (ସେଠିକାର) ସେଇଠି ଭର୍ତ୍ତି ହେବା ଦରକାର ଏବଂ ଯେଉଁ ବିଭାଗର ଡାକ୍ତର ବାଲେଶ୍ୱରରେ ଦେଖିଥିଲେ ସେ କିମ୍ବା ତାଙ୍କଠୁ ଉଚ୍ଚ ପଦବୀରେ ଥିବା ଡାକ୍ତରଙ୍କ ତତ୍ତ୍ୱାବଧାନରେ ରହିବେ । ଏବେ କିନ୍ତୁ ସେମିତି କିଛି ହେଉନାହିଁ ଏବଂ ଭବିଷ୍ୟତରେ ଦେଖାଯାଉ ନାହିଁ । ଦ୍ୱିତୀୟ କଥା ହେଲା ବାଲେଶ୍ୱର (ନିଉରୋଲଜି, କାଡିଓଲଜି, ଅଙ୍କଲୋଜି ଏବଂ ଇଉରୋଲଜି ବିଭାଗ), ଡାକ୍ତର ଆସି ପାରିଲେ ବାଲେଶ୍ୱର ବାସୀ ବିଶେଷ ଭାବରେ ଉପକୃତ ହୋଇ ପାରନ୍ତେ । କନ୍ତୁ ଦେଖାଯାଉଛି ବିଶେଷ ଭାବରେ ଉପକୃତ ହୋଇ ପାରନ୍ତେ । କିନ୍ତୁ ଦେଖାଯାଉଛି ବିଶେଷ କରି ମେଡିସିନ୍, ସର୍ଜରୀ, ଦାନ୍ତ, ସ୍ତ୍ରୀ ରୋଗୀ ବିଶେଷଜ୍ଞ ମାନେ ବେଶି ଏବଂ ବାରମ୍ବାର ଆସୁଛନ୍ତି।

ଏବେ ପ୍ରଶ୍ନ ଉଠୁଛି ଏହି ଏମ୍‌ସ ଡାକ୍ତରଖାନାଟି କାହିଁକି ହେଲା କାହାପାଇଁ ହେଲା ଏବଂ କି ପ୍ରକାରର ସେବା ବାଲେଶ୍ୱର ବାସୀଙ୍କୁ ଯୋଗାଉ ଦେଉଛି? ଆମକୁ ବିଶେଷ ବିଶେଷ ରୋଗ ପାଇଁ ପୁଣି କଟକ, ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି । ବିଶେଷ କରି ହୃଦରୋଗୀ ମାନେ ଅଧାବାଟରେ ରହି ଯାଉଛନ୍ତି ଏବଂ ବନା ଚିକିତ୍ସାରେ ଜୀବନ ହରାଉଛନ୍ତି । ଏହା ପାଇଁ ଦାୟୀ କିଏ? ଜିଲ୍ଲା ପ୍ରଶାସନ, ଜନ ପ୍ରତିନିଧିଗଣ, ସରକାର (ଓଡ଼ିଶା ଏବଂ ଭାରତ) ବା ଶେଷରେ ଆମ୍ଭେମାନେ । କଣ ପାଇଁ ବାଲେଶ୍ୱର ଏମସ ଆଗେଇ ପାରୁନାହିଁ? ଏହାର ନିଶ୍ଚିତ କାରଣ ଶୀଘ୍ର ବାହାର କରିବା ଉଚିତ । କାରଣ କେତେଦିନ ଏମିତି ଓଡ଼ିଶା ସରକାର ଏବଂ ଭାରତ ସରକାର ବାଲେଶ୍ୱର ବାସୀଙ୍କୁ ଠକେଇ ଚାଲିଥିବେ? ଏହା ଉପରେ ଶୀଘ୍ର ପଦକ୍ଷେପ ନେବା ଉଚିତ ।




## ଫାଙ୍କା ଥାଉ
### ରବି କୁମାର ମହାନ୍ତି



ଫାଙ୍କା ଥାଉ ଆମ ବାଡିର ସେ
ନିଛାଟିଆ କୋଣ
ଦିନେ ତ ଶେଷରେ
ମୁଁ ସେଇଠି ବସେଇବି
ମୋ ଶବ୍ଦ ମାନଙ୍କ ହାଟ
ଫାଙ୍କା ଥାଉ ଏ ବର୍ଣିଳ ପୃଥିବୀ,
ଏ ଫୁଲ ବଗିଚା,
ଆଉ କେହି ଆସି
ଟାଙ୍ଗି ଦେବ ହୁଏତ
ତା ନିଜ ଚିତ୍ରପଟ
କେହି କହିବା ଆଗରୁ
ଏ ଲୋକଟା
ଭାରି ସ୍ୱାର୍ଥପର
ମିଛରେ ଆବୋରିଛି
ଏ ନିର୍ମାୟା ସଂସାର
ମୁଁ
ଖୋଲି ଦେଇଛି ମୋ
ଅସ୍ଥାୟୀ ଚଟିଘରର
ଯାଉଁଳି କବାଟ
ସଜେଇ ଦେଇଛି
ମୋ ପ୍ରିୟ କବିତା ମାନଙ୍କ
ଦଉଡିଆ ଖଟ
ଫାଙ୍କା ଥାଉ ଏବେ ପାଇଁ
ଏ ରାତି ମୟ
ରଂଗ ଶାଳା,
ନର୍ତ୍ତକୀର ନୁପୁର ନିକ୍ୱଣ
ଲଭୁ ଥାଉ ଶବ୍ଦରେ ସମାଧି
ଫାଙ୍କା ଥାଉ
ଯମୁନାର ତଟ
ଯେଉଁଠୁ
ଲମ୍ବି ଯାଇଥାଏ କବି ପାଇଁ
ନିର୍ବାଣର ବାଟ
ମାତୃ ନୀଡ଼ ।

+କମାରିଆ, ଭଦ୍ରକ
ମୋ: ୭୦୬୪୭୭୮୨୪୭

## ଆସୁଅଛି ଦଶହରା
### ଜୟକୃଷ୍ଣ ସାହୁ

ଅଶିଣ ମାସଟା ଆସିବ ଆସିବ
ବୋଲି ଭାବନାରେ ଥିଲି
ଦେଖିଲା ବେଳକୁ ଅଳସୀ ଅଶିଣ
ଧରାକୁ ଆସିଛି ଚାଲି।
କାଶତଣ୍ଡି ଫୁଲ ଫୁଟି ବାସିଲେଣି
ଗାଆଁ ନଈ ପଠା ଧାରେ
ଥମି ଆସିଲାଣି ବରଷାର ଧାରା
ମୁଖ ଦିଶେ ସ୍ୱଚ୍ଛ ନୀରେ।
ପାର୍ବଣ ଋତୁରେ ଗୋଟି ପରେ ଗୋଟି
ପର୍ବ ଆସିବେ ଚାଲି
ସେ ପରବ ସବୁ ଆମରି ଗରବ
ପାରି ନାହୁଁ ତାଙ୍କୁ ଭୁଲି।
ସଜ ହୋଇଲେଣି ମାଆ ଦଶଭୂଜା
ଧରାକୁ ଆସିବେ ବୋଲି
ସଜେଇ ହେଲାଣି ଧରଣୀ ସୁନ୍ଦରୀ
ଶୋଭାର ପସରା ମେଲି।
କେତେ ସାଜସଜା ହେବ ମଣ୍ଡପରେ
ଝଲସି ଉଠିବ ଧରା
ମାଆ ଦଶଭୂଜାଙ୍କର ଶୋଭା ଦେଖି
ସର୍ବେ ହେବେ ଆତ୍ମହରା।
ଆଉ କେଇ ଦିନ କେତେବେଳେ ଯିବ
ସେ ଦିନ ଆସିବ ଫେରି
ଯେଉଁ ଦିନ ଘରେ ମାମା ରାନ୍ଧୁଥିବ
ଖେଚୁଡ଼ି ଡାଲମା କ୍ଷିରୀ।
ଜେଜେ ମାଆ ଛାଣି ଆରିସା କାକରା
ରଖୁଥିବୁ ଯତନରେ
କେତେ ପୂଜାଝଜା କେତେ ଖୁସିବାସି
ଲାଗିଥିବ ଆମ ଘରେ
ସେ ଦିନଟି ଦଶହରା,
ପରବ ଭିତରେ ପରବଟିଏ ସେ
ସେ ଆମ ସୁଖ ପସରା।

କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭

## ମାନବ ସେବା ହିଁ ମାଧବ ସେବା
### ନିକୁଞ୍ଜ କୁମାର ଘୋଷ



ମାନବ ସେବା ହିଁ ମାଧବଙ୍କ ସେବା
ଜୀବନର ବ୍ରତ ଏହି
ମାଧବ ଦର୍ଶନ ମାନବ ହୃଦୟେ
ପରମ କରମ ବହି ।

ଗୀତାରେ ବର୍ଣ୍ଣିତ ଶ୍ରୀମୁଖ ନିସୃତ
ସର୍ବ ଘଟେ ନାରାୟଣ
ଜଳ ଅବା ସ୍ଥଳ ଦଶ ଦିଗ ଭାଗେ
ସର୍ବ ଶାସ୍ତ୍ରେ ଏହା ଜାଣ ।

ଭୋକିଲା ପେଟକୁ ଅନ୍ନ ମୁଠାକ ଯେ
ମାଧବଙ୍କ କୃପା ପରି
ନର ସେବା କଲେ ତୁମ ହାତେ ନିତି
ପୂଜା ପାଉଥିବେ ହରି ।

ଅନ୍ଧର ସାରଥି ଆଶା ବାଡିଟିଏ
ହୋଇବାକୁ ପଣ କର
ଦୁଃଖିଲା ମୁହଁରେ ଫୁଟାଇଲେ ହସ
ସାର୍ଥକ ଜନମ ନର ।

ଅସହାୟେ ସାହା କରିଲେ ପାଇବ
କୋଟି ଜନମର ଫଳ
ଆଖିର ଲୁହକୁ ପୋଛି ତ ପାରିଲେ
ଅସହାୟ ପାଏ ବଳ ।

ନିଃସ୍ୱାର୍ଥ ସେବାରେ ବ୍ରତୀ ହେଲେ ନର
ମାଧବ ଦର୍ଶନ ଲଭେ
ଜୀବନର ମାନେ ଯିଏ ବୁଝିଥାଏ
ପର ହିତେ ଥାଏ ଭବେ ।

+ମାଧବପୁର,ଲେକ୍ଷ୍ମଣନାଥ,
ଜଳେଶ୍ୱର,
ବାଲେଶ୍ୱର, ପିନ୍-୭୫୬୦୩୨
ମୋ-୮୦୯୩୬୩୦୭୫୬

# କଳା ମାଳି






ରଶ୍ମୀ ସାମଲ


ପ୍ରକାଶର କାର୍ଯ୍ୟବ୍ୟସ୍ତତା ତାକୁ କୁଆଡେ ବାହାରକୁ ଯିବାର ସୁଯୋଗ ଦିଏନି। ଯଦି ବି କେବେ ଇଚ୍ଛା କରିଛି ତେବେ କିଛି ଜରୁରୀ କାମ ଆସି ତା ଆଗରେ ପୁଣି ଉଭା ହୋଇଯାଏ, ସେଥିପାଇଁ ପୁଅବୋହୁ ରହୁଥିବା ଭୁବନେଶ୍ୱରକୁ ମଧ୍ୟ ଯିବା ପାଇଁ ତା ପକ୍ଷେ ସମ୍ଭବ ହୁଏନି। ଏଥର କିନ୍ତୁ ଯାହାବି ହୋଇଯାଉ ଏପରି ସୁଯୋଗକୁ ସେ ବିଲକୁଲ ହାତଛଡା କରିବନି। ପୁଅ ସୁନୀଲର ଟେଲିଫୋନ ପାଇବା ପରଠାରୁ ମନଟା ଉଛୁଳା ନଦୀ ପରି ଖୁସିରେ ଯେପରି ଦୁଇ କୂଳ ଉଛୁଳୁଛି। କେମିତି ବା ନ ହେବ, ପୁଅ ବୋହୁଙ୍କ ବିବାହ ବାର୍ଷିକ ପାଳନ ହେଉଛି ପୁଣି ଭୁବନେଶ୍ୱରର ନାମୀ ଦାମୀ ହୋଟେଲରେ। ଗୋରୁଗାଈ ଧନ୍ଦା ଚାଷ କାମ ଯୋଗୁ ଗାଁରେ ରହି ସବୁବେଳେ ଧନ୍ଦି ହୋଇଯାଉଛି। ବୟସ ବଢ଼ିବା ସାଙ୍ଗକୁ ବଳ ମଧ୍ୟ କମିଗଲାଣି। ଟିକେ ଯାଇ ସହର ଆଡେ ବୁଲି ଆସିଲେ ମନଟା ବି ହାଲକା ଲାଗିବ। ଖୁସିରେ ଗୋଡ ତାର ଆଉ ବସୁଧାରେ ଲାଗୁନି, ପ୍ରକାଶ ଝଟଝଟିଆରୁ ଉଠି ପଡି ନିଜ ନିତ୍ୟକର୍ମ ସାରିବା ସହ ସ୍ତ୍ରୀ ମାଳତିକୁ ଡାକଟାଏ ଖାଲି ମାରୁଥାଏ। ମାଳତୀ ରାତି ଅଧ ଯାଏ ବସି ଛେନାଦିଆ ମଣ୍ଡାପିଠାଠାରୁ ଆରମ୍ଭ କରି କେତେ ରକମର ପିଠାପଣା ତିଆରି କରିଛି, ବାଡ଼ିରେ ଲଗାଇଥିବା ଜହ୍ନି ଭେଣ୍ଡିଠାରୁ ଆରମ୍ଭ କରି ପାଳ ଛତୁ ଯାଏ ସବୁ ଗୋଟେ ଗୋଟେ ପୁଟୁଳି ବାନ୍ଧିଛି। ମାଆ ମନ ପରା, କଣ କେବେ ସମ୍ଭାଳି ହେବ, କିଛି ଜିନିଷ ସାଙ୍ଗରେ ଧରି ପୁଅ ବୋହୂ ନାତି ପାଇଁ ସାଙ୍ଗରେ ନେଇ ଯିବ। ଶେଷରେ ପ୍ରକାଶର ରଡ଼ିରେ ମାଳତୀର ନିଦଟା ଭାଙ୍ଗିଗଲା, ତରତର ହୋଇ ଉଠିପଡ଼ି ମୁଁହଟା ଧୋଇଦେଇ, ଗୁହାଳୁ ଗୋବର ଟିକେ ଆଣି ବାଡ଼ିଠାରୁ ଦାଣ୍ଡଯାଏ ଗୋବର ପାଣି ଛିଞ୍ଚି ପରିଷ୍କାର କି ଝାଟେଇ ଦେଇ, ଗାଧେଇ ଆସି ଠାକୁର ପୂଜା ସାରି ତୁଳସୀଗଛରେ ପାଣିଟିକେ ଦେଇ ହାଣ୍ଡି ଶାଳରୁ ପଖାଳ କଂସାରେ ବାଢି ଆଣି, ବଢି ଆଉ ବାଡ଼ି କଞ୍ଚା ଲଙ୍କା ଲୁଣ ମଡ଼େଇ ତରତର ହୋଇ ଦୁହେଁ ଯାକ ଖାଇ ତୋରାଣିରୁ ପେଟେ ପିଇ ଦେଇଥିଲେ। ଓଃ ଆତ୍ମା ଶାନ୍ତି,ଏଥର ରାତି ଯାଏ ଆଉ କିଛି କେଉଁଠି ନ ଖାଇଲେ ଚଳିବ। ହଁ ଶୁଣୁ ମାଳତୀ ବାକ୍ସରୁ ସେ କୁମ୍ଭପକା ସମ୍ବଲପୁରୀ ଶାଢ଼ୀଟା ବାହାର କରି ପିନ୍ଧିପକା। ପୁଅର କେତେ ବଡ ବଡ ଅଫିସର ସାଙ୍ଗସବୁ ଆସିଥିବେ। ତୁ ତ ଜାଣିଛୁ ପୁଅର ଗୁଣ, ସବୁ ସାଙ୍ଗଙ୍କୁ ଟାଣି ଆଣି ଗୋଟି ଗୋଟି କରି ଆମକୁ ଚିହ୍ନେଇବ। ଆମ ବେଶ ପୋଷାକ ଯଦି ଭଲ ଟିକେ ନ ରହିବ ପୁଅର ସେଠି ମାନ ସମ୍ମାନ ରହିବଟି। ଶାଢ଼ୀଟା ପିନ୍ଧୁ ପିନ୍ଧୁ କଣ ମନକୁ ମନ ଗୁଣୁ ଗୁଣୁ ହୋଇ ଧୀର ସ୍ୱରରେ କହୁଥାଏ ମାଳତୀ, କାନରେ ବେକରେ କି ନାକରେ ମସାଏ ବୋଲି ସୁନା ପିନ୍ଧିବାକୁ ନାହିଁ। ଅନ୍ୟମାନେ ଦେଖି କଣ ସବୁ କହିବେ, ପ୍ରକାଶ ଏସବୁ ଶୁଣି ବଡ ପାଟିରେ କହିଲା ଆଲୋ କାହିଁକି ଏମତି ଗାରୁ ଗାରୁ ହେଉଛୁ, ସେହି ହାଟରୁ ଆଣିଥିବା କଳା ମାଳିଟା ବେକରେ ପକେଇ ଚାଲେ। ଶାଢ଼ୀ ପିନ୍ଧା ବେକକୁ ତୋର କେହି ଦେଖିବେନି ଲୋ। ମାଳତିର ମନ ବୁଝିବାକୁ ଏହି କଥା ପଦକ ସିନା କହିଦେଲା, କିନ୍ତୁ ପ୍ରକାଶ ନିଜର ଧୋତି ପଞ୍ଜାବୀ ପିନ୍ଧିବା ସମୟରେ ପୁରୁଣା କଥା ସବୁ ମନେ ପଡି ନିଜ ଆଖିରୁ ଦୁଇ ଟୋପା ଲୁହ ଝରି ପଡିଲା। ସେତେବେଳେ କମ ରୋଜଗାରରେ ଚଳିବା ଓ ପିଲାଙ୍କୁ ପାଠ ପଢେଇବା ବହୁତ କଷ୍ଟ ହେଉଥିଲା, ତଥାପି ପିଲାଙ୍କୁ ଉଚ୍ଚ ଶିକ୍ଷିତ କରିବାରେ କେବେ ମଧ୍ୟ ହେଳା କରିନି। ଘର ଡ଼ିହ ଖଣ୍ଡକ ବନ୍ଧା ପକାଇ ବ୍ୟାଙ୍କରୁ ଋଣ ଆଣି ପୁଅକୁ ଉଚ୍ଚ ଶିକ୍ଷା ପାଇଁ ବାହାରକୁ ପଠେଇଥିଲା ପ୍ରକାଶ। ଆଉ ଯେଉଁଦିନ ବ୍ୟାଙ୍କ ଗାଡି ଆସି ଘର ପାଖରେ ଡେଙ୍ଗୁରା ଦେଇଥିଲେ ଏକ ସପ୍ତାହ ଭିତରେ ପଇସା ସୁଝି ନ ପାରିଲେ ଘର ଡିହ ଖଣ୍ଡକ ନିଲାମ ହୋଇଯିବ ବୋଲି। ପ୍ରକାଶ କେତେ କାକୁତି ମିନତୀ ହୋଇ କହିଥିଲା, ବାବୁ ପୁଅ ମୋର ଚାକିରୀ କଲେ ସବୁ ସୁଧ ମୂଳ କି ସୁଝିଦେବ,କିନ୍ତୁ ସେମାନେ ବ୍ୟାଙ୍କର ନିତି ନିୟମ ସବୁ ଦେଖାଇ ସିଧା ସିଧା ମନା କରିଦେଇଥିଲେ। ଏପରି ଘଡିସନ୍ଧି ମୁହୂର୍ତ୍ତରେ ମାଳତୀ ତାର ସେହି ଶେଷ ସନ୍ତକ, ବାପ ଘରୁ ଆଣିଥିବା ପାଞ୍ଚ ଭରି ସୁନା ହାରଟିକୁ ଦେଇ ତାଙ୍କ ଋଣ ସୁଝି ଦେବାକୁ କହିଥିଲା, କିଛି ସମୟ ଗୁମ ମାରି ବସିବା ପରେ ପ୍ରକାଶ କାନ୍ଦ କାନ୍ଦ କଣ୍ଠରେ ସେଦିନ କହିଥିଲା ମାଳତୀ ଆମ ଦୁଃଖ ଖୁବ୍ କମ ଦିନରେ ଦୂର ହୋଇଯିବ। ପୁଅର ଗୋଟିଏ ମାସର ଦରମାରେ ତୁ ଦୁଇ ଦୁଇଟା ହାର ପିନ୍ଧିବୁ। ପ୍ରକାଶ ଏହି ସବୁ ସ୍ମୃତିରେ ଖାଲି ଗୋଳେଇ ଘାଣ୍ଟି ହେଉଥାଏ। ପୁଣି ସେତେବେଳର ଗରିବ ଶ୍ରେଣୀରେ ଗଣତି ହେଉଥିବା ପ୍ରକାଶର ପରିଚୟ ଆଜି ଓଡ଼ିଶାର ଗୋଟେ ପ୍ରତିଷ୍ଠିତ ପଦବୀରେ ଅଧିଷ୍ଠିତ ପୁଅର ବାପା ହିସାବରେ,ଏହି କଥା ଭାବି ମନଟା ମଧ୍ୟ କୁଣ୍ଢେ ମୋଟ ହୋଇଯାଉଥାଏ। ସେହି ଅଭୁଲା ମୁହୂର୍ତ୍ତର ଦିନ ସବୁ ଖଣ୍ଡ ଖଣ୍ଡ ବାଦଲ ହୋଇ ମାନସ ପଟରେ ଯେପରି ଘନୀଭୂତ ହେଉଥାଏ। ଝିପି ଝିପି ବର୍ଷା ସାଙ୍ଗକୁ ସୁଲୁସୁଲିଆ ଥଣ୍ଡା ପବନ ବହୁଥାଏ,ଏ ସବୁକୁ ଖାତିରି ନ କରି ଭୁବନେଶ୍ୱର ପୁଅ ଘରେ ଆସି ଠିକ ସମୟରେ ପଂହଁଚିଗଲେ ଦୁହେଁ। ପୁଅ ଘର ଗେଟରେ ପଶୁ ପଶୁ ଅଣ୍ଡିରା ବାଛୁରୀ ପରି କୁକୁରଟା ଉପରକୁ ଚଢ଼ିଗଲା। ଟିକେ ଅପ୍ରସ୍ତୁତ ବୋଧ ଅନୁଭବ ହେବା ସମୟରେ ପୁଅ ଘରେ କାମ କରୁଥିବା ସ୍ତ୍ରୀ ଲୋକଟି ଆସି କୁକୁରକୁ ନିଜ ପାଖକୁ ଟାଣି ନେଲା। କେହି କିଛି ନ କହିବା ପୂର୍ବରୁ ବାପା ମାଆ ଦୁଇ ଜଣ ଗାଧୁଆଘରେ ଯାଇ ଧୁଆଧୋଇ ହୋଇ ଆସି ଡ୍ରଇଂ ରୁମରେ ବସି ପଡିଲେ। ମାଳତୀ ବୋହୂକୁ ଖୋଜିବାର ବିକଳ ଆଖି ଦୁଇଟିକୁ ପ୍ରକାଶ ଠିକ ବୁଝି ପାରୁଥାଏ। ଆରେ ବୋହୁର ବାପା ମାଆ ତା ଭଉଣୀ ଭିଣୋଇ ଦାଦା ଖୁଡି ସବୁ ବୋଧେ ଆସିଛନ୍ତି ଆଉ ସେ ପଟ ଘରେ ତାଙ୍କ ପାଟି ପରା ଶୁଭୁଛି। ସେମାନଙ୍କ କଥା ପ୍ରଥମେ ବୁଝିବ, ନାଁ ଆମକୁ ଆସି ଦେଖା କରିବ। ଆଲୋ ହୁଣ୍ଡିଟା କି, କିଛି ଜାଣି ପାରୁନୁ ସେମାନେ ପରା ଆମ ବନ୍ଧୁ,ଟିକେ ଆତିଥେୟତାରେ କମ ହେଲେ କଣ କହିବେ କହିଲୁ। ଆମେ ତ ଘର ଲୋକ, ଏମିତିରେ କିଛି ସମୟ ପରେ ନାତି ଟୋକାଟା ଆସି ଗୁଲୁରୁ ଗୁଲୁରୁ କରି ତା ସ୍କୁଲ ତା ସାଂଗ ସାଥି କଥା ସବୁ ଗପିଗଲା। ମନ ପୁରେଇ ଦୁହେଁ ଯାକ ତାକୁ ଟିକେ ଗେଲ କରି ପକେଇଲେ। ଦୁଇଟି ବ୍ୟାଗରେ ସବୁ ଆଣିଥିବା ଜିନିଷକୁ ନାତି ଟୋକା ହାତରେ ଦେଇ ରୋଷେଇ ଘରେ ରଖିବା ପାଇଁ କହିଦେଲେ। ଏମିତିରେ ସନ୍ଧ୍ୟା ଛଅଟା ବାଜିବାରୁ, ହୋଟେଲ ଯିବା ପାଇଁ ସମସ୍ତେ ବାହାରି ପଡିଲେ। ଘର ଠାରୁ ଦୁଇ କିଲୋମିଟର ଦୂରରେ ହୋଟେଲଟା, ପୁଅ ତାର ସବୁ ସାଙ୍ଗ ସାଥୀଙ୍କୁ ଫୋନ କରୁଥାଏ, ବହୁତ ବ୍ୟସ୍ତ ଥିବାର ମଧ୍ୟ ଜଣାପଡୁଥାଏ। ଶେଷରେ ସମସ୍ତେ ଯିବା ବେଳକୁ ବୋହୁ ଆସି ନମସ୍କାର ହେଲା। ବୋହୂର ବେଶ ପୋଷାକ ଓ ରଙ୍ଗ ଢଙ୍ଗ ଦେଖି ମାଳତୀ କିଛି କହିବା ପୂର୍ବରୁ ପ୍ରକାଶ ଆସି ତାର ପାଟିରେ ହାତ ଦେଇଦେଲେ, ଆରେ ଏଠି ପରା ସବୁ ଶିକ୍ଷିତ ଲୋକ ଏମତି ହାତକଟା ଗାଉନ ପିନ୍ଧି ସବୁ ବଡ ବଡ କାର୍ଯ୍ୟକ୍ରମକୁ ଯାଆନ୍ତି। ଇଏ କଣ ଆମ ମଫସଲ ହୋଇଛି ଶାଢ଼ୀ ପିନ୍ଧି ମୁଣ୍ଡରେ ଓଢଣା ଦେଇ ବାହାରକୁ ଯିବେ, ଏଠିକା ପରିବେଶ ସବୁ ଅଲଗା। ଏପରି ବିପରିତମୁଖୀ ସମୟକୁ ସାମ୍ନା କରିବ ବୋଲି ଭାବି ପାରୁନଥାଏ ମାଳତୀ। ହୋଟେଲରେ ପଂହଚୁ ପଂହଚୁ ଦେଖାଯାଉଥାଏ ମେଞ୍ଚା ମେଞ୍ଚା ରଙ୍ଗ ବେରଙ୍ଗର ନାଲି ନୀଳ ସଜା ଆଲୋକ, ବାହାରୁ ଭିତର ଯାଏ ଚିକ ଚିକ ହୋଇ ଝଟକୁ ଥାଏ ସବୁଆଡ଼, ହୋଟେଲ ଦୁଆରେ ପୁଅବୋହୂଙ୍କ ଫଟୋ ଦେଖି ମନକୁ ମନ ପ୍ରକାଶ କହୁଥାଏ, ଆହାଃ ସତେକି ଲକ୍ଷ୍ମୀ ନାରାୟଣ ଯୋଡି। ମାଳତୀ ପଛରେ ଚୁପଚାପ ଚାଲିଥାଏ, ଓ ସେହି କଳା ମାଳିଟିକୁ ବେକରେ ଲୁଚାଇବା ପାଇଁ ଓଢଣାଟିକୁ ବାରମ୍ବାର ଟାଣିଦେଉଥାଏ ଆଗକୁ। ପୁଅ ଯେହେତୁ ଏତେ ବଡ ଅଫିସର ଅତିଥିଙ୍କ ସଂଖ୍ୟା ମଧ୍ୟ କମ ନଥାଏ।

ଭିତରେ ମଧ୍ୟ ବେଲୁନ ସହ କେତେ ପ୍ରକାର ଫୁଲ ଲାଇଟ ଝଟକୁଥାଏ। ହୋଟେଲର ଗୋଟେ ପଟକୁ ଟେବୁଲରେ ପୁଅ ବୋହୁଙ୍କ ନାମ ଲେଖା ହୋଇଥିବା ଏକ ବିରାଟ କେକ ରହିଥାଏ। ଅତିଥୀଙ୍କ ଉପହାରରେ ହୋଟେଲର ଗୋଟେ କଣ ଭର୍ତ୍ତି ହୋଇ ସାରିଲାଣି। ପୁଅ ବୋହୂ ତାଙ୍କ ଅତିଥି ଚର୍ଚ୍ଚାରେ ବ୍ୟସ୍ତ ଥାଆନ୍ତି। ପରେ ପରେ ଟେବୁଲରେ ଥିବା ବିବାହ ବାର୍ଷିକ କେକ କଟା ପର୍ବ ଆରମ୍ଭ ହେଲା। ହାପି ଆନିଭରସାରି ସ୍ୱର ଓ କରତାଳିରେ ହୋଟେଲଟା କମ୍ପି ଉଠିଲା। ପୁଅର ସାଙ୍ଗ ସାଥି ବୋହୂର ଭାଇ ଭଉଣୀ ସବୁ ଖୁସିରେ ନାଚି ଯାଉଥାନ୍ତି। ପୁଅ ଆଣିଥିବା ହୀରାର ହାରଟି ବୋହୂକୁ ପିନ୍ଧାଇଦେଇ, ଦୁଇ ଜଣ ଦୁଇ ଜଣକୁ କେକ ଖୁଆଇଲେ, ଫଟୋ ଉଠା ସମୟରେ ସମସ୍ତ କ୍ୟାମେରାର ଚିକ ଚିକ ଆଲୋକରେ ପ୍ରକାଶର ଆଖି ଯୋଡିକ ଜଳକା ଦିଶୁଥାଏ। ମାଳତୀ ତାର ସେହି କଳା ମାଳିଟିକୁ ଜୋରରେ ଜାବୁଡ଼ି ଧରିଥାଏ। ଏପଟେ ନାତି ଟୋକା ଖାଲି ଟାଣି ପକାଉଥାଏ ଜେଜେ ଓ ମାଆକୁ ଫଟୋ ଉଠାଇବା ପାଇଁ। ନିରସତା ଭରା ବିକଳ ମୂର୍ତ୍ତି ପରି ଦୁଇ ଜଣ ଯେପରି କାହା ଅପେକ୍ଷାରେ ପଛପଟେ ଠିଆ ହୋଇ ଥାନ୍ତି। ସେହି ବତୁରା ମୁଂହଟା କିଛି ଖୋଜିବା ସମୟରେ ସତେକି କିଏ ଆସି ଚୁପଚାପ କାନରେ କହିଦେଉଥାଏ ସେତେବେଳର ଶାନ୍ତ ଶିଷ୍ଟ ନମ୍ର ଭଦ୍ର ଓ ସ୍କୁଲର ମେଧାବୀ ଛାତ୍ର ସୁନୀଲ ଆଉ ଆଜି ଭିତରେ ଆକାଶ ପାତାଳ ତଫାତ। ପ୍ରକାଶ ଭାବୁଥାଏ ପୁଅର ପରିଷ୍କାର ମନରେ କିପରି ଅଳନ୍ଧୁ ଲାଗିଲା। ଏମତି ଅନ୍ୟମନସ୍କତା ଭିତରେ ମନରେ ଉଠୁଥିବା ଝଡକୁ ପ୍ରଶମିତ କରିବା ପାଇଁ ମନକୁ ଦୃଢ କଲା ପ୍ରକାଶ ଓ ବିଭିନ୍ନ ପ୍ରକାର ଖାଦ୍ୟରେ ସଜାହୋଇଥିବା ଟେବୁଲ ଉପରୁ ଥଣ୍ଡା ସରବତ ଦୁଇଗ୍ଲାସ ପି ଦେଇଥିଲା,ସେହି ସମୟରେ ପୁଅ ଆସି ବାପା ଓ ମାଆଙ୍କୁ ଭୁବନେଶ୍ୱରରେ କିଛି ଦିନ ରହିବା ପାଇଁ କହିବା ପୂର୍ବରୁ ପ୍ରକାଶ କହିଲା ଗାଁରେ ନାଲି ଗାଈର ମାସ ହୋଇଗଲାଣି, ରାତି ବିକାଳି କେତେବେଳେ ଜନ୍ମ କରିବ ଠିକ ନାହିଁ। ଧାନ କାମ ସବୁ ପଛେଇଯିବ, ପୁଣି କେବେ ଆସିବାକୁ କହି ପୁଅ ବୋହୂଙ୍କ ପାଖରୁ ବିଦାୟ ନେଇଥିଲେ। ମାଳତିର ଚୁପଚାପ ପଣକୁ ପ୍ରକାଶ ଠିକ ଲକ୍ଷ କରିଥାନ୍ତି। ସତରେ ବିଚିତ୍ର ଏ ଦୁନିଆର ରୀତିନୀତି, ପ୍ରକାଶ ମନରେ ଉଙ୍କି ମାରୁଥିବା ଶତାଧିକ ପ୍ରଶ୍ନର ଉତ୍ତର ଖୋଜୁଖୋଜୁ ଗାଁରେ ଆସି ପଂହଁଚି ସାରିଥିଲେ ଦୁହେଁ।


+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫


# ପତି-ପତ୍ନୀ




କମଲ ଦାସ




ପତିଙ୍କ ବୟସ ଠାରୁ ପତ୍ନୀଙ୍କ ବୟସ ଆପାତତଃ ଦଶବର୍ଷ କମ୍।

ଥରେ ପତ୍ନୀ ଚିଡ଼୍‌ଚିଡ଼ା ହୋଇ ପତିଙ୍କୁ କହଲେ, 'ହଇହୋ, ସବୁବେଳେ ଛେଳି ପତ୍ର ଚୋବାଇଲା ଭଳି ଗୋଟାକ ପରେ ଗୋଟାଏ ପାନ ଚୋବେଇ ଚାଲିଛ କାହିଁକି ଯେ ? ପାନ ନ ଖାଇଲେ କ'ଣ ଚଳନ୍ତାନି। ପାନ ଚୋବେଇ ଚୋବେଇ ଏକରେ ତ ଦାନ୍ତକୁ ଖରାପ କଲଣି, ତା'ସହ ପାନଛେପ ପକାଇ ଘରର ବେସିନ୍‌ଟାକୁ ବି ଲାଲ୍ ଗର ଗର କରି ଦେଲଣି। ଛି...ଛି....! କି' ସୁଖ ପାଉଛ କହିଲ ଏ ପାନ ଚୋବାଇକି ? ପାନ ଖାଇବାଟା ଛାଡ଼ି ଦେଉନ।'

ସୁନ୍ଦରୀ ପତ୍ନୀଙ୍କ କଥାରେ ବିମୋହିତ ହୋଇ ପତି ସେଇଦିନଠୁଁ ପାନଖିଆ ଛାଡ଼ିଦେଲେ।

କୌଣସି ଗୋଟେ ରବିବାର। ପତି ଘରେ ରହିବା ଅବସ୍ଥାରେ ଥରକୁ ଥର ପତ୍ନୀଙ୍କୁ ଡାକ ପକାଇ କହୁଥାନ୍ତି, 'ହଇହୋ, କପେ ଚା' ଆଣନ୍ତନି।'

ଆଜ୍ଞାଧୀନା ପତ୍ନୀ ସକାଳୁ ଦ୍ୱିପ୍ରହର ଭିତରେ ଚାରି କପ୍ ଚା' ଦେଲା ପରେ ପଞ୍ଚମଥର ଚା' କପ୍ ଦେବା ପୂର୍ବରୁ ଗର୍ଜିଉଠି କହିଲେ, 'ହଇହେ, ଆଜି ରବିବାର ଛୁଟିଦିନ ବୋଲି ଘରେ ରହି ଯଦି ଏତିକି ଚା'ପିଉଛ, ଅନ୍ୟ କାର୍ଯ୍ୟଦିବସରେ ଅଫିସ୍‌ରେ ରହି କେତେ ଚା' ପିଉ ନଥିବ ! ଏତେ ଚା' ପିଇବା କ'ଣ ଦରକାର ? ଚା' ପିଇଲେ ଏସିଡ଼୍ ହେବ। ଭୋକ ମରିଯିବ। ଦେହ ଖରାପ ହେବ ହିଁ ହେବ। ଚା' ପିଆଟା ଛାଡ଼ି ଦେଉନ।'

ପତି ସେହିଦିନଠୁ ଚା'ପିଆ ବି ଛାଡ଼ିଦେଲେ।

ଆଉ ଏକ ଦିନ ପତିଙ୍କୁ ବୁଝାଇ ପତ୍ନୀ କହିଲେ, 'ହଇହେ, ଆଜିକାଲି ବେଳକାଳ ଯାହା ହେଲାଣି, ଟିକେ ଜଗିଛକି ନ ଚଳିଲେ ସଂସାର ଚାଲିବ କେମିତି କହିଲ ? ତମେ ଯୋଉ ଅନ୍ୟମାନଙ୍କୁ ଦାନ ଖଇରାତ କରୁଚ ସେ ସବୁ ଟିକେ ଛାଡ଼। ସେଥିରୁ ଆମର କି ଲାଭ ବା ମିଳିବ କହିଲ।'

ପତି ତା'ପରଦିନଠୁ ଦାନ ଖଇରାତ କରିବା ବି ଛାଡ଼ିଦେଲେ।

କିଛିଦିନ ଧରି ବିଳମ୍ବିତ ରାତିରେ ପତି ଘରକୁ ଫେରିବାରୁ ଥରେ ପତ୍ନୀ ଦୁମ୍‌ଦୁମ୍ ପାଦରେ ଚାଲି କବାଟ ଖୋଲିଲେ। ଭିତରେ ଭିତରେ କ୍ରୋଧରେ ଫାଟିପଡୁଥିଲେ ସେ। ପତିଙ୍କୁ ଖାଇବା ବାଢ଼ି ଦେଉଦେଉ ଦାନ୍ତ କାମୁଡ଼ି କହିଲେ, 'ହଇହେ, କିଛିଦିନ ହେଲା ଦେଖୁଛି ତମେ ରାତିଅଧରେ ଘରକୁ ଫେରୁଛ; କଥା କ'ଣ ? ଘର-ସଂସାରଟା ତମ ପାଇଁ ବଡ଼ ନହେଇ ତମ ସାଙ୍ଗସାଥୀମାନେ ତମ ପାଇଁ ଏତେ ବଡ଼ ହେଇଗଲେ ! କ'ଣ ଆଉ ଯେ କହିବି ତମକୁ କିଛି ଭାବିପାରୁନି....., ଛି.....।'

ପତ୍ନୀଙ୍କ କଥାକୁ ହେଜକରି ତହିଁପର ଦିନଠୁ ସଂଜବେଳୁ ଘରେ ଆସି ହାଜର ହେଇଗଲେ ପତି।

ଏହାରି ଭିତରେ ବିତିଯାଇଛି ବହୁବର୍ଷ। ଏବେ ପତି ଅସୁସ୍ଥ। ବିଛଣାରେ ତାଙ୍କର ଖିଆପିଆ, ଝାଡ଼ା, ପରିସ୍ରା। ଖୁବ୍ ମନଯୋଗ ସହକାରେ ତାଙ୍କ ସେବାଯତ୍ନରେ ନିମଗ୍ନ ପତ୍ନୀ। କୌଣସି ଅବହେଳା ନାହିଁ। ପତ୍ନୀଙ୍କ ଏତାଦୃଶ ତାଙ୍କ ପ୍ରତି ସମର୍ପଣ ଭାବ ଦେଖି ଦେଖି ଥରେ ପତି ଭାବ ବିହ୍ୱଳ ହୋଇ କହିଲେ, 'ହଇହୋ, ତମେ ମୋତେ ପାନ ଖାଇବାକୁ ମନା କଲ ମୁଁ ପାନ ଛାଡ଼ିଦେଲି, ଚା' ପିଇବାକୁ ମନାକଲ ଚା' ପିଆ ଛାଡ଼ିଦେଲି, ଦାନଖଇରାତ କରିବାକୁ ମନା କଲ ତାହା ବି ଛାଡ଼ିଦେଲି, ଆଉ ତମ ବାରଣ ମାନି ସାଙ୍ଗସାଥୀଙ୍କ ସହ ମିଳାମିଶା ବି ବନ୍ଦ କରିଦେଲି। ଆଜି ଆଉ ଗୋଟେ ଛାଡ଼ିଦେବା କଥା କୁହନ୍ତନି.... ?'

କୋଉ କଥା ? - ପତିଙ୍କ ମୁହଁରେ ହାତ ସାଉଁଳାଇ ଖୁବ୍ ଉତ୍ସୁକତାର ସହ ପ୍ରଶ୍ନକଲେ ପତ୍ନୀ।

ପତ୍ନୀଙ୍କ ହାତ ଧରିନେଇ ତାଙ୍କ ଆଖିରେ ନିଜର ନରମ ଚାହାଁଣି ମିଶେଇ ପତି କହିଲେ, 'ବିଛଣାରେ ପଡ଼ିରହି ମୁଁ କଷ୍ଟ ପାଇବା ସହ ତମକୁ ବି ବହୁତ କଷ୍ଟ ଦେଉଛି, ନୁହେଁ କି ? ଦୟାକରି ତମେ ଥରେ କହିଦିଅନ୍ତନି ମୁଁ ଏ ସଂସାର ଛାଡ଼ିଦିଏ ବୋଲି.....।'

ପତ୍ନୀ ଆଖି ତରାଟି ପତିଙ୍କ ଓଠରେ ଆଙ୍ଗୁଳି ଗୁଞ୍ଜିଦେଇ କହିଲେ, 'ଖବରଦାର୍ ଏପରି କଥା ଆଉଥରେ ବି କେବେ କହିବନି। ଆରେ ତମେ ତ ମୋର ସବୁକିଛି। ତମ ବିନା ମୁଁ କ'ଣ ବଂଚିପାରିବି. ... ?'

ସେତେବେଳକୁ ନରମି ଯାଇଥିଲା ପତ୍ନୀଙ୍କ କଣ୍ଠସ୍ୱର ଓ ତରାଟି ଯାଇଥିବା ତାଙ୍କ ଆଖି ଦୁଇଟିରେ ଲହଡ଼ି ଭାଙ୍ଗୁଥିଲା ଲୁହ। ଧକେଇ ଧକେଇ ସେ ପତିଙ୍କ ଛାତିରେ ନିଜର ମଥା ଗୁଂଜିଦେଲେ ବେଶ୍ କିଛି ସମୟ। ପତିଙ୍କ ହାତ ବି ଉଠିଯାଇ ପତ୍ନୀଙ୍କ ମଥାବାଳ ସାଉଁଳାଉଥିଲା ଧୀରେଧୀରେ...।


+'ପାହାନ୍ତିତାରା',
ଭାସ୍କରଗଞ୍ଜ, ବାଲେଶ୍ୱର
ମୋ.: ୯୯୩୮୪୦୩୧୯୮


# ଖୁସି ଆଉ ଧନ ସମ୍ଭାଳି କରି ରଖ




ମନୋଜ କୁମାର ବେହେରା


ମନୁଷ୍ୟକୁ ନିଜର ଖୁସି ଆଉ ଧନକୁ ସର୍ବଦା ସମ୍ଭାଳି କରି ରଖିବା ଜରୁରୀ ଅଟେ । ଖୁସିର କ୍ଷଣ ବହୁତ କମ୍ ସମୟ ପାଇଁ ଜୀବନରେ ଆସିଥାଏ । ଏହାକୁ ସମ୍ଭାଳି କରି ରଖିବା ଦରକାର, କୌଣସି ମୂଲ୍ୟରେ ନିଜର ମଧ୍ୟ ନିଜର ହାତରୁ ଏହାକୁ ଦୁରେଇବା ଉଚିତ୍ ନୁହେଁ । ମନୁଷ୍ୟକୁ ନିଜର ବ୍ୟବହାର ଆଉ ନିଜର ଭାବନା ଉପରେ ନିୟନ୍ତ୍ରଣ ରଖିବା ଦରକାର । ଯଦି କିଏ ଏହାର ସତ୍ତାକୁ ମାନିକରି ଏହାକୁ ଆହ୍ୱାନ ଦେଇଥାଏ ସେ ସମୟରେ ତାକୁ ନିଜର ଧୈର୍ଯ୍ୟକୁ ହରେଇବା ଉଚିତ୍ ନୁହେଁ । ମନୁଷ୍ୟକୁ ସର୍ବଦା ପ୍ରସନ୍ନ ରହିବା ଜରୁରୀ ଆଉ ନିଜର ଜୀବନରେ ନିରାଶ ହେବା ଦରକାର ନାହିଁ । ଜୀବନରେ ସଫଳ ବ୍ୟକ୍ତି କହିବା ପାଇଁ ଟଙ୍କାର ଆବଶ୍ୟକତା ହୋଇଥାଏ, କିନ୍ତୁ ଟଙ୍କାକୁ ସର୍ବଦା ନିଜର ପକେଟରେ ରଖିବା ଜରୁରୀ । ତାକୁ ନିଜର ମନ-ମସ୍ତିଷ୍କ ଉପରେ ଚଢେଇବା ଉଚିତ୍ ନୁହେଁ । ଯଦି ମନୁଷ୍ୟ ଧନର ଉପଯୋଗ ଘର-ପରିବାରର ଆବଶ୍ୟକତାକୁ ପୂର୍ଣ୍ଣ କରିବା ଆଉ ଦାନ ଆଦି କାର୍ଯ୍ୟରେ ବ୍ୟୟ କରିଥାଏ ତା'ହେଲେ ଏହାର ସଦୁପଯୋଗ ହୋଇଥାଏ । ଏହାର ବିପରୀତ ମନ ଏହି ଧନ ମୁଣ୍ଡରେ ଚଢିକରି କହିବାକୁ ଲାଗିବ ତା'ହେଲେ ମନୁଷ୍ୟର ମସ୍ତିଷ୍କ ଖରାପ ହେବାକୁ ଲାଗିଥାଏ । ସେ ନିଜର ସମାନ ଅନ୍ୟ କାହାକୁ ବୁଝି ନଥାଏ । ତା'ର ଛୁଆ ମଧ୍ୟ ତାକୁ ଦେଖିକରି ଗର୍ବରେ କହିଥାନ୍ତି, ଯାହା କୌଣସି ପ୍ରକାରରେ ଉଚିତ୍ କୁହାଯିବନି । ଏମିତି ବ୍ୟକ୍ତି ଈଶ୍ୱରଙ୍କ ସତ୍ତାକୁ ମଧ୍ୟ ଆହ୍ୱାନ ଦେବାରେ ପଛେଇ ନଥାନ୍ତି । ଏଠାରେ ଗୋଟିଏ କଥା କହିବାକୁ ଚାହୁଁଛି କି ମନୁଷ୍ୟ ନିଜର ରୋଜଗାରରେ ଗରୀବ ହୋଇନଥାଏ, ସେ ନିଜର ଆବଶ୍ୟକ ଅନୁସାରେ ଗରୀବ ହୋଇଥାଏ । ଯେତେବେଳେ ମନୁଷ୍ୟ ନିଜର କାମନାକୁ ଅସୀମ ବନେଇ ଚାଲିଥାଏ ସେ ପର୍ଯ୍ୟନ୍ତ ସେ ଚୁପ୍‌ରେ ବସି ରହି ପାରିବନି । ଏହା ତାହାର ଚିନ୍ତାର କାରଣ ପାଲଟିଯାଏ । ଏହା ସତ୍ୟ ଯେ ଏହା ଭୂଲିବା କଥା ନୁହେଁ କି ଯେପର୍ଯ୍ୟନ୍ତ ମନୁଷ୍ୟର ପାଖରେ ଟଙ୍କା ଅଛି,ସେ ପର୍ଯ୍ୟନ୍ତ ଏହି ଦୁନିଆ ତାକୁ ପଚାରିଥାଏ ଆଉ ସମ୍ମାନ ଦେଇଥାଏ । ଅନ୍ୟଥା ମାଟିର ମୂଲ୍ୟକୁ କେହି ପଚାରିବେନି । ସେଥିପାଇଁ ଧନ-ସମ୍ପତ୍ତି ଉପରେ ଅଭିମାନ କରିବା ବ୍ୟର୍ଥ । କେବଳ ଏହାକୁ ସାଧନ ମାନିବା ଉଚିତ୍ । ଜୀବନର ଅନ୍ୟ ସତ୍ୟ ହେଲା ମାୟା ମହାଠକ ଆଉ ବହୁତ ଚଞ୍ଚଳ ଅଟେ । ଏହା ଉପରେ କେବେବି ବିଶ୍ୱାସ କରିବା କଥା ନୁହେଁ । ଏହା ଗୋଟିଏ କ୍ଷଣରେ ରାଜାଙ୍କୁ ରଙ୍କ ବନେଇ କନ୍ଦେଇ ଥାଏ ଆଉ ରଙ୍କଙ୍କୁ ରାଜା ବନେଇ କରି ମାଲାମାଲ କରିଥାଏ । ଯେଉଁ ଲୋକ ଆମର ଅସୁବିଧା ସମୟରେ ଚୁଗୁଲି କରିଥାଏ, ତାହେଲେ ଏଥିରେ ନିରାଶ ହେବା କଥାନୁହେଁ । ପଛ ପଟେ ଖରାପ କହିବା ବାଲା ବହୁତ ଲୋକ ଅଛନ୍ତି । ଏହା ମାନିବା କଥା ଯେ ସେମାନେ ଡରୁଆ ପ୍ରକୃତିର ଅଟନ୍ତି, ସେମାନଙ୍କଠାରେ ସାମନାରେ ଆସି କଥା କହିବାର ସାମର୍ଥ୍ୟ ନଥାଏ । ଅତଃ ଏଭଳି ଲୋକଙ୍କ ଉପରେ କେବେ ବିଶ୍ୱାସ କରିବ ନାହିଁ । ଦୁନିଆର ଚିନ୍ତା ସେପର୍ଯ୍ୟନ୍ତ କରିବା ଦରକାର, ଯେପର୍ଯ୍ୟନ୍ତ ସେ ତୁମର ଆଉ ତୁମର ସ୍ୱପ୍ନର ମଧ୍ୟରେ ନଥାଏ । ଯେପର୍ଯ୍ୟନ୍ତ ମନୁଷ୍ୟର ସାମର୍ଥ୍ୟ ଅଛି, ତାକୁ ସଫଳତା ପ୍ରାପ୍ତିର ସ୍ୱପ୍ନକୁ ସାକାର କରିନେବା ଦରକାର । ପ୍ରତ୍ୟେକ ସମସ୍ୟାର ସମାଧାନ ଆମକୁ ଦୃଢ ପ୍ରତିଜ୍ଞାର ସହିତ କରିବା ଦରକାର । ଦୁନିଆର ସବୁ ଅନୁରାଗ-ବିରାଗର ଚିନ୍ତା ଛାଡିକରି ପ୍ରସନ୍ନ ରହିବାର ଅଭ୍ୟାସ କରିବା ଦରକାର । ନିଜର ଇଚ୍ଛାକୁ କମ୍ କରି ନିଜର ପରିଶ୍ରମର ରୋଜଗାରରେ ସନ୍ତୁଷ୍ଟ ରହିବା ଶିଖ । ଈଶ୍ୱରଙ୍କ କୃପାରୁ ସବୁ ଶୁଭ ହେବ।


+ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ମୋ: ୭୯୭୮୮୩୦୬୧୧

# ପ୍ରଦୀପ ଜୁନିୟର କଲେଜ ଦ୍ୱାରା ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ




ବାଲେଶ୍ୱର, ୦୬/୧୦ (ନି.ପ୍ର): ସ୍ୱଚ୍ଛତା ଜୀବନର ବ୍ରତ । ସ୍ୱଚ୍ଛତା ହିଁ ସେବା । ବାଲେଶ୍ୱର ରାଣୀପାଟଣାସ୍ଥିତ ପ୍ରଦୀପ+୨ ଆବାସିକ ଜୁନିୟର ମହାବିଦ୍ୟାଳୟ ଦ୍ୱାରା ପବିତ୍ର ଗାନ୍ଧୀଜୟନ୍ତୀ ଅବସରରେ ବାଲେଶ୍ୱର କଚେରୀ ପରିସରରେ ଏକ ମେଗା ସ୍ୱଚ୍ଛତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଂପାଦକ ଶ୍ରୀଯୁକ୍ତ ଜୟଦୀପ୍ ଘୋଷଙ୍କ ତତ୍ତ୍ୱାବଧାନରେ ଅନିଷ୍ଠାନର ଅଧ୍ୟାପକ ଡ. ପ୍ରଦୀପ୍ତ ମିଶ୍ର, ଅଧ୍ୟାପିକା ପୁନମ୍, ରିଙ୍କିଲ୍ ଅଣଶିକ୍ଷକ କର୍ମଚାରୀ ଗୀତାରାନୀ ଜେନା, ପ୍ରଭାସିନୀ ଦାସ, ବିଜୟ କୁମାର ନାୟକ,ସୋନାଲି ପ୍ରମାଣିକ, ସୀମା ବିଶ୍ୱାଳ, ରିତୁ , ଅକ୍ଷୟ, ପ୍ରଭାତ, ବିଶୁ ନନା ଙ୍କ ସହ ଶତାଧିକ ଛାତ୍ରଛାତ୍ରୀଙ୍କ ଦ୍ୱାରା ବାଲେଶ୍ୱର କଚେରୀ ହତା ସ୍ୱଚ୍ଛ କରାଯାଇଥିଲା । ସ୍ୱଚ୍ଛତା କାର୍ଯକ୍ରମ ସମୟରେ ବାଲେଶ୍ୱର ଓକିଲ ସଂଘର ସାଧାରଣ ସଂପାଦକ ଶ୍ରୀଯୁକ୍ତ ସନ୍ଦୀପ କୁମାର ନନ୍ଦୀଙ୍କ ସହ ଆଡଭୋକେଟ ନିରଞ୍ଜନ ପରିଡ଼ା ଓ ବହୁ ଓକିଲ ଉପସ୍ଥିତ ରହି ଏପରି କାର୍ଯକ୍ରମକୁ ଉଚ୍ଚପ୍ରଶଂସା କରିବାସହ ବର୍ଷରେ ଅନ୍ୟୁନ ଦୁଇତିନି ଥର କଚେରୀ ପରିସର ପରିଷ୍କାର କରିବାପାଇଁ ଅନୁରୋଧ ରଖିଥିଲେ । ଏପରି କାର୍ଯକ୍ରମକୁ ସଧାରଣରେ ଉଚ୍ଚପ୍ରଶଂସିତ କରାଯାଇଛି ।

# ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ: ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଟାର୍ଗେଟ - ୧୨୬୬ ଓ ୧୨ ନଭେମ୍ବର ସୁଦ୍ଧା ଖୋର୍ଦ୍ଧା ସହରର ୨୧୦ ଭେଣ୍ଡିଙ୍ଗ ସାରିବାକୁ ନିର୍ଦ୍ଦେଶ

ଖୋର୍ଦ୍ଧା, ୦୬/୧୦ (ନି.ପ୍ର): ଖୋର୍ଦ୍ଧା,ସ୍ଥାନୀୟ ଜିଲ୍ଲାପରିଷଦ ପାଇଁ ସମ୍ମିଳନୀ କକ୍ଷରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଅଧକ୍ଷତାରେ ଜିଲ୍ଲା ପରିଷଦ ବୈଠକ (ଦିଶା ) ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଚଂଚଳ ରାଣା ସ୍ୱାଗତ ଭାଷଣ ଦେଇଥିଲେ ।ବୈଠକର ପ୍ରାରମ୍ଭରେ ମାନ୍ୟବର ସାଂସଦ ଡି. ପି. ଏମ. ୟୁ, ପ୍ଲାନିଙ୍ଗ କୁ ଏମ. ପି (ଲାଡ) ରେ ମିଳିଥିବା ଟଙ୍କା ସମ୍ପର୍କରେ ପଚାରି ବୁଝିଥିଲେ । ଏପରିକି ଅବଶିଷ୍ଟ ଟଙ୍କା ତକ ଅକ୍ଟୋବର ୨୫ ସୁଦ୍ଧା ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ପରେ ମେଗା ୱାଟର ସପ୍ଲାଏ ବିଷୟରେ ପଚାରି ବୁଝିଥିଲେ । କାର ?ୟ ନିର୍ବାହୀ ଯନ୍ତ୍ର ସମସ୍ୟା ବିଷୟରେ ସୁଚନା ଦେଇ କହିଥିଲେ ଯେ ଏହି କାମ ବାଲିଅନ୍ତା ବ୍ଲକରେ ଆରମ୍ଭ ହୋଇଛି । ବୋଲଗଡ ଓ ବେଗୁନିଆ ବ୍ଲକରେ ଇଲେକଟ୍ରି ଖୁଂଟି ଚୋରି ହୋଇଯାଉଛି ଫଳରେ କାର୍ଯ୍ୟରେ ବାଧା ଉପୁଜିଛି । ତେବେ ସାଂସଦ ଅକ୍ଟୋବର ୨୬ରେ ବେଗୁନିଆ ଓ ବୋଲଗଡ ବ୍ଲକ ପରିଦର୍ଶନରେ ଯାଇ କାର୍ଯ୍ୟକ୍ରମ ର ଅଗ୍ରଗତି ବିଷୟରେ ଜାଣିବା ପାଇଁ ତାରିଖ ଧାର୍ଯ୍ୟ କଲେ । ସେହିପରି ୱାଟର ସେଡ ଏବଂ ପ୍ରଧାନ ମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ବିଷୟରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା କରାଗଲା । ହିତାଧିକାରୀଙ୍କ ଦରଖାସ୍ତ ଗୁଡ଼ିକୁ ମଧ ଗ୍ରହଣ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ପରେ ସର୍ଭେ କରାଯିବ ବୋଲି ନିଷ୍ପତି ନିଆଗଲା । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ପାଇଁ ଟାର୍ଗେଟ -୧୨୬୬ ରହିଥିବା ବେଳେ ୯୯୮ ଟି ଆବାସ ଯୋଜନାର କାମ ସମ୍ପୂର୍ଣ ହୋଇଥିବା ବେଳେ ୨୫୩ ଟି ଆବାସ ବକେୟା ରହିଛି । ମାଇନର ଇରିଗେସନ ଯନ୍ତ୍ରୀଙ୍କୁ ଚେକ ଡ୍ୟାମ ବିଷୟରେ ପଚାରି ଅବଗତ ହେଲେ ଯେ ହଳଦୀମାଳ ଚେକ ଡ୍ୟାମ ସମ୍ପୂର୍ଣ ହୋଇଯାଇଛି । ବାଣପୁର ର ୨ ଟି ଏବଂ ବେଗୁନିଆ ବ୍ଲକ ର ୧ ଟି ଚେକଡ୍ୟାମ ଅତ୍ରୀ ଠାରେ ଆରମ୍ଭ ହେବାକୁ ଯାଉଥିବା ବେଳେ ଅକ୍ଟୋବର୨୩ରେ ଅତ୍ରୀକୁ ପରିଦର୍ଶନ ପାଇ ସାଂସଦ ବୈଠକରେ ପ୍ରସ୍ତାବ ରଖିଲେ । ପି. ଏମ. ଜି, ଏସ ୱାଇ -୧ ଗ୍ରାମ୍ୟ ସଡ଼କ ସମସ୍ତ କାମ ସରିଯାଇଛି । ପି. ଏମ. ଜି, ଏସ ୱାଇ -୩ ଏବଂ ୪ କାମ ସରିନାହିଁ ଏହାକୁ ତ୍ୱରାନ୍ୱିତ କରିବାକୁ ମାନ୍ୟବର ସାଂସଦ ପରାମର୍ଶ ଦେଲେ । ସ୍ୱାସ୍ଥ୍ୟ ବିଭାଗର ସି ଡି ଏମ ଓ ଙ୍କୁ ପଚାରି ବୁଝିଲେ ଯେ ବାଣପୁର,ଟାଙ୍ଗୀ ଓ ଚିଲିକାକୁ ଡାକ୍ତରମାନେ ଡେପୁଟେସନରେ ପୋଷ୍ଟି ହେଉଛନ୍ତି । ହେଲେ ସେହି ସ୍ଥାନରେ କେହି ଯୋଗ ଦେଉନାହାନ୍ତି । ଏହି ବିଷୟରେ ତନଖ୍ କରି ସାଂସଦ ନଭେମ୍ବର ମାସରେ ମିଟିଙ୍ଗ କରିବାକୁ ଏବଂ ସିଏଚ ସି ମାନଙ୍କରେ ଖାଲି ଥିବା ପୋଷ୍ଟ ର ତାଲିକା ପ୍ରେରଣ କରିବାକୁ ସିଡିଏମଓ ଙ୍କୁ କହିଲେ । ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହି ଯନ୍ତ୍ର ଙ୍କୁ ମାନ୍ୟବର ସାଂସଦ ବହୁତ ଖୁସି ହୋଇ ଜଟଣୀ ବ୍ଲକରେ ତାଙ୍କ କାର ?ୟଦକ୍ଷତା ପାଇଁ ବହୁତ ପ୍ରଶଂସା କରିଥିଲେ । ଓ ର ମା ସ ର ବିଭିନ୍ନ କାର୍ଯ୍ୟକ୍ରମ ବିକାଶ ମେଳା,ଜୈବ ସାର ପ୍ରସ୍ତୁତି ଏବଂ ଅନ୍ୟ ବିଷୟରେ ସାଂସଦ ସହ ଆଲୋଚନା କରାଯାଇଥିଲା ଏବଂ ଏହି ବିଷୟରେ ଆବଶ୍ୟକ ସ୍ଥଳେ ସାହାଯ୍ୟ ସହଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ସେହିପରି ଏନ. ଏଚ . ର ଭନ୍ନତିକରଣ ବିଷୟରେ ପଚାରି ବୁଝି କାମକୁ ତ୍ୱରାନୀତ କରିବାକୁ ଏବଂ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସାରିବାକୁ ପରାମର୍ଶ ଦେଇଥିଲେ । ରାଜୁଆ ଡାଇଭରଶନ ପ୍ରୋଜେକ୍ଟ ବିଷୟରେ ମାଇନର ଇରିଗେସନ୍ ଯନ୍ତ୍ରୀ ଏବଂ ଏକାମ୍ର ପ୍ରୋଜେକ୍ଟ ଓ ଉଗ୍ରତାରା ମନ୍ଦିର ପ୍ରୋଜେକ୍ଟ ବିଷୟରେ ପଚାରି ବୁଝିଥିଲେ । ଅନୁରୂପ ଭାବେ ପୌର ପରିଷଦ ଖୋର୍ଦ୍ଧାଙ୍କୁ ୨୧୦ ଭେଣ୍ଡିଙ୍ଗ ୧୨ ନଭେମ୍ବର ସୁଦ୍ଧା ସାରିବାକୁ ଏବଂ ଏହାର ଉଦ୍ଘାଟନ ସାରିବାକୁ ପରାମର୍ଶ ଦେଇଥିଲେ । ଅବଶିଷ୍ଟ ଭେନଡିଙ୍ଗ ତ୍ୱରାନିତ କରାଗଲେ ଖୋର୍ଦ୍ଧା ଟ୍ରାଫିକ ସମସ୍ୟା ସୁଧୁରିବ ବୋଲି ପରାମର୍ଶ ଦେଇଥିଲେ ।କୃଷି ବିଭାଗ ଏବଂ ଉଦ୍ୟାନ ବିଭାଗ ସହିତ କଥା ହୋଇ କୋଲ୍ଡ ଷ୍ଟୋରେଜ ବିଷୟରେ ପଚାରି ବୁଝିଥିଲେ ଏବଂ ବାଲିଅନ୍ତାରେ ଏକ ଉଦ୍ୟାନ କାର୍ଯ୍ୟାଳୟ ଖୋଲାଯିବାକୁ ଜୟଦେବ ବିଧାୟକଙ୍କ ମନ୍ତବ୍ୟରେ ମାନ୍ୟବର ସାଂସଦ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଗୋଶାଳା ବିଷୟରେ ମଧ ଆଲୋଚନା କରଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଜୟଦେବ ନବ କିଶୋର ମଲ୍ଲିକ,ସମସ୍ତ ସଭ୍ୟ, ୱାର୍ଡ ମେମ୍ବର,ଗ୍ରାମ ପ'ଚାୟତ, କାଉନ୍ସିଲର ଏବଂ ଜିଲ୍ଲା ସ୍ତରୀୟ ସମସ୍ତ ଲାଇନ୍ ବିଭାଗ ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ରାଜ୍ୟ ଶ୍ରମିକ ସମବାୟ ସମିତିର ନୂତନ ମାର୍ଟ

ଖଇରା, ୦୬/୧୦ (ନି.ପ୍ର): ଓଡିଶା ରାଜ୍ୟ ଶ୍ରମିକ ସମବାୟ ସମିତି ଲିମିଟେଡ ପକ୍ଷରୁ ସୁଲଭ ମୂଲ୍ୟରେ ଗ୍ରୋସେରୀ ଯୋଗାଇବା ଲକ୍ଷରେ ଖଇରା ବ୍ଲକର କୁରୁଣ୍ଟା ବଜାରରେ ଗ୍ରୋସେରୀ ଦୋକାନ ବା ମାର୍ଟ ର ଶୁଭାରମ୍ଭ ହୋଇଛି ।୫ନମ୍ବର ଜୋନର ଜିଲା ପରିଷଦ ସଭ୍ୟ ମାନଶ କୁମାର ଦାଶ ଏହି ମାର୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହା ଦ୍ୱାରା ମହିଳା ମାନେ ସ୍ୱାବିଲମ୍ବି ହୋଇ ପାରିବେ ବୋଲି ଶ୍ରୀ ଦାଶ ପ୍ରକାଶ କରିଥିଲେ ।ରାଜ୍ୟ ଶ୍ରମିକ ସମବାୟ ସମିତିର ଜିଲା ମୁଖ୍ୟ ତାପସ ରଞ୍ଜନ ଦାସ ମୁଖ୍ୟବକ୍ତା,କୁରୁଣ୍ଟା ସେବା ସମବାୟର ସମିତିର ସଭାପତି ମୁକୁନ୍ଦ ନାୟକ, ସମ୍ପାଦକ ଗଜେନ୍ଦ୍ର ଜେନା,ଏମବିକେ ମମତା ପ୍ରଧାନ,ସମ୍ବାଦିକ ତପୋଧନ ବାରିକ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।ଶାଖା ପରିଚାଳକ ମୃତ୍ୟୁଞ୍ଜୟ ଶଙ୍ଖୁଆ ଅତିଥି ପରିଚୟ,ବ୍ଲକ ଶାଖା ପରିଚାଳକ ମାୟାଧର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ ନିର୍ବାହୀ ଅଧିକାରୀ ସଦନନ୍ଦ ଧଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକ ଶାଖା ଇନ୍‌ଟାକ୍‌ର ଆରଡ଼ି ଗସ୍ତ



ଭଦ୍ରକ, ୦୬/୧୦ (ନି.ପ୍ର):ଭଦ୍ରକ ଜିଲ୍ଲା ସାଂସ୍କୃତିକ ଐତିହ୍ୟ ସୁରକ୍ଷାର ଜାତୀୟ ନ୍ୟାସ ଇନ୍‌ଟାକ୍‌ର ଆବାହକ ଶ୍ରୀଯୁକ୍ତ ଦିଗମ୍ବର ମହାନ୍ତି ଆଇ.ଏ.ଏସ୍. ଅବସରପ୍ରାପ୍ତ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଅନୁଷ୍ଠାନର ଆଠଜଣ ସଭ୍ୟ ଆରଡ଼ି ଗ୍ରାମର ରବୀନ୍ଦ୍ର କୁମାର ମିଶ୍ରଙ୍କ ବାସ ଗୃହ ମାଟିତଳୁ ମୂଲ୍ୟବାନ ଧାତୁର ମୂର୍ତ୍ତି ଉଦ୍ଧାର ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ଯାଇଥିଲେ। ପହଞ୍ଚିବାପରେ ରବୀନ୍ଦ୍ର ମିଶ୍ର ତାଙ୍କ ପୁତ୍ର ପ୍ରିୟବ୍ରତ ମିଶ୍ର ସବୁପ୍ରକାର ସହଯୋଗ କରିଥିଲେ। ସେମାନେ କହିଲେ ଯେ ତାଙ୍କ ଘରେ ଅନେକ ଦିନ ଧରି ପାରିବାରିକ ବିଶୃଙ୍ଖଳା ତଥା ଆର୍ଥନୀତିକ ଅନାଟନ ଦେଖାଦେଉଥିଲା। ଏହାପରେ ସେମାନଙ୍କୁ ସ୍ୱପ୍ନାଦେଶ ହେଲା ଏଣୁ ସେମାନେ ପିରହାଟ ଅଞ୍ଚଳର ବାସ୍ତୁଶାସ୍ତ୍ରବିତ୍ ନରୋତ୍ତମ ମିଶ୍ରଙ୍କୁ ସଂପର୍କ କରିଥିଲେ। ଏହା ମଧ୍ୟରେ ସେମାନେ ଘର ଭିତରେ ଧୂପ ଓ ଝୁଣାର ବାସ୍ନା ହେଉଥିବା ସଂଗେ ସଂଗେ ରାତି ୧୨ଟା ପରେ ପରେ ରୁଣୁ ଝୁଣୁ ଶବ୍ଦ ମଧ୍ୟ ଶୁଣିବାକୁ ପାଉଥିଲେ। ବାସ୍ତୁଶାସ୍ତ୍ରଙ୍କ ନିର୍ଦ୍ଦେଶକ୍ରମେ ସେମାନେ ତାଙ୍କର ଏକ ଶୋଇବା ଘର ଭିତରେ ୬ ଫୁଟ ଓସାର ୬ ଫୁଟ ଗଭୀର ଓ ୧୫ ଫୁଟ ଗଭୀର ପର୍ଯ୍ୟନ୍ତ ଖୋଳିଥିଲେ। ଶେଷରେ ସେମାନଙ୍କ ଦ୍ୱାରା ସେହି ଖୋଳାଯିବା ସ୍ଥାନରୁ କାଦୁଅ ପାଣି ମଧରୁ ୧.୫' ଉଚ୍ଚ ଶିବ ମୂର୍ତ୍ତି , ୧.୫' ଉଚ୍ଚ ପାର୍ବତୀ ମୂର୍ତ୍ତି, ୧ ଫୁଟ ଉଚ୍ଚ କାର୍ତ୍ତିକେୟ ମୂର୍ତ୍ତି, ଅଧଫୁଟ ଉଚ୍ଚ ଗଣେଶ ମୂର୍ତ୍ତି, ଅଧଫୁଟ ଉଚ୍ଚ ବୃଷଭ ମୂର୍ତ୍ତି ଓ ଅଧଫୁଟ ଉଚ୍ଚର ପିକଦାନୀ ମାଟିତଳୁ ଉଦ୍ଧାର କରାଯାଇଛି। ଉକ୍ତ ମୂର୍ତ୍ତି ଗୁଡ଼ିକ ଅଷ୍ଟଧାତୁରେ ନିର୍ମିତ ବୋଲି ପ୍ରତ୍ୟକ୍ଷ ଦର୍ଶୀ ତଥା ଇନ୍‌ଟାକ୍ ସଭ୍ୟମାନେ ଅନୁମାନ କରିଥିଲେ। ଉକ୍ତ ଟିମ୍‌ରେ ଡଃ ଗୋଲକ ବିହାରୀ ସାହୁ, ଡଃ ଭାଗବତ ତ୍ରିପାଠୀ, ବିଚିତ୍ରାନନ୍ଦ ମହାନ୍ତି, ଅଜିତ୍ କୁମାର ନାୟକ, କୈଳାସ ଚନ୍ଦ୍ର ପଣ୍ଡା, ବାବାଜି ଚରଣ ପଣ୍ଡା, ମୁକ୍ତିକାନ୍ତ ମହାପାତ୍ର, ଯୁଧିଷ୍ଠିର ବାରିକ୍ ଯାଇଥିଲେ। ଏ ବାବଦରେ ଆବାହକ ତଥା ଅନ୍ୟ ସଭ୍ୟମାନେ ଭଦ୍ରକ ଜିଲ୍ଲାପାଳଙ୍କୁ ଫଟୋ ସହ ବିସ୍ତୃତ ବିବରଣୀର ତଥ୍ୟ ପ୍ରଦାନ କରିବା ସଂଗେ ସଂଗେ ରବୀନ୍ଦ୍ର କୁମାର ମିଶ୍ରଙ୍କ ଘରୁ ଉଦ୍ଧାର ହୋଇଥିବା ମୂର୍ତ୍ତି ଗୁଡ଼ିକୁ ପ୍ରକୃତ ସଂରକ୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ଧାମନଗରରେ ପୀର ବାବାଙ୍କ ଉର୍ସ ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ

## ଶ୍ରଦ୍ଧାଳୁଙ୍କ ପାଇଁ କେନ୍ଦୁଆପଦା ଷ୍ଟେସନରେ ଅଟକିବ ସମସ୍ତ ଦ୍ରୁତଗାମୀ ରେଳଗାଡ଼ି

ଭଦ୍ରକ, ୦୬/୧୦ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଅବସ୍ଥିତ ପ୍ରସିଦ୍ଧ ପୀର୍‌ବାବାଙ୍କ ଖାନ୍‌କାରେ ଅନୁଷ୍ଠିତ ହେବାକୁ ଥିବା ୪୫ ତମ ଉର୍ସ ହୁଜୁର ମୁଜାହିଦ୍-ଇ-ମିଲାତ୍ ଉତ୍ସବ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସଦ୍‌ଭାବନା ସଭା ଗୃହରେ ପ୍ରଶାସନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଏସ୍.ପି. ମାଡ଼କର ସନ୍ଦୀପ ସମ୍ପତ, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଆସନ୍ତା ନଭେମ୍ବର ମାସ ୮ ଓ ୯ ତାରିଖ ଦୁଇଦିନ ଧରି ପାଳିତ ହେବାକୁ ଥିବା ଏହି ଉତ୍ସବ ପାଳନର ବିଭିନ୍ନ ପର୍ଯ୍ୟାୟ ଓ କାର୍ଯ୍ୟସୂଚୀ ଏବଂ ଏଥି ପାଇଁ ଆବଶ୍ୟକ ପ୍ରଶାସନିକ ସହଯୋଗ ସମ୍ବନ୍ଧରେ ଉର୍ସ କମିଟିର ସମ୍ପାଦକ ମହମ୍ମଦ ଇସ୍ରାଏଲ ହବିବି ଓ ସହ ସମ୍ପାଦକ ସେକ୍ ଅବଦୁର ରହେମାନ ଙ୍କ ଦ୍ୱାରା ବୈଠକରେ ଉପସ୍ଥାପନ ଆଧାରରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସୂଚନା ଯୋଗ୍ୟ କି ଏହି ପ୍ରସିଦ୍ଧ ପର୍ବରେ ଜିଲ୍ଲା ସହିତ ଜିଲ୍ଲା ବାହାରୁ, ରାଜ୍ୟ ବାହାରୁ ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ମାନଙ୍କ ସମାଗମ ହେଉଥିବାରୁ ଏଥିପାଇଁ ବିଶେଷକରି ଟ୍ରାଫିକ୍ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ଭ୍ରାମ୍ୟମାଣ ଶୌଚାଳୟ, ପାନୀୟ ଜଳ ଯୋଗାଣ, ସଫେଇ, ଆମ୍ବୁଲାନସ୍ ଓ ଅସ୍ଥାୟୀ ଚିକିତ୍ସା ଶିବିର, ଅଗ୍ନି ନିରାପତ୍ତା, ଅବକାରୀ ଧରପଗଡ଼, ରେଳ ଷ୍ଟେସନରେ ଅଧିକ ଟିକେଟ୍ କାଉଣ୍ଟର, ଶାନ୍ତି ଶୃଙ୍ଖଳା ରକ୍ଷା, ରାସ୍ତା ପାର୍ଶ୍ୱରୁ ଉଠା ଦୋକାନୀ ଉଚ୍ଛେଦ, ରାସ୍ତା ମରାମତି, ବସ୍ ଯାତାୟତ ପାଇଁ ରାସ୍ତା ପାର୍ଶ୍ୱ ଗଛର ଡାଳ କାଟିବା, ବସ୍ ରହଣି ସ୍ଥାନ ଓ ଅନ୍ଧାରଥିବା ରାସ୍ତା ଆଲୋକିକରଣ, ନିରବଚ୍ଛିନ୍ନ ବିଦ୍ୟୁତ ସରବରାହ ସହ ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫରମର ସଂସ୍ଥାପନ, ସି.ସି.ଟି.ଭି. ସଂଲଗ୍ନ କରାଯିବା, ମନଇଚ୍ଛା ବସ୍‌ଭଡ଼ା ଓ ଅଟୋଭଡ଼ା ବୃଦ୍ଧିକୁ ରୋକାଯିବା, ସମସ୍ତ ଯାନବାହନର ଫିଟ୍‌ନେସ୍ ପରୀକ୍ଷଣ, ଆଦି ଦିଗରେ ବୈଠକରେ ଉପସ୍ଥିତ ଜନପ୍ରତିନିଧି, ଉଚ୍ଚ ପ୍ରଶାସନିକ ଅଧିକାରୀ, କମିଟି ସଦସ୍ୟ ମାନଙ୍କ ମଧ୍ୟରେ ସବିସ୍ତୃତ ଆଲୋଚନା କରାଯାଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ପ୍ରକାଶ ଥାଉ କି ମାନ୍ୟବର ସାଂସଦ, ଜିଲ୍ଲା ପ୍ରଶାସନ ଓ ଏସ୍.ପି.ଙ୍କ ଉଦ୍ୟମ କ୍ରମେ ଏହି ପର୍ବ ପାଳନ ଅବସରରେ ଆସିଥିବାକୁ ଥିବା ବୃହତ୍ ସଂଖ୍ୟାରେ ଶ୍ରଦ୍ଧାଳୁମାନଙ୍କୁ ଆଗମନ ଓ ପ୍ରତ୍ୟାଗମନ ସୁବିଧା ପାଇଁ ରେଳ ବିଭାଗର ଅନୁମୋଦନ କ୍ରମେ ସମସ୍ତ ଦ୍ରୁତଗାମୀ ରେଳଗାଡ଼ି କେନ୍ଦୁଆପଦା ଷ୍ଟେସନ୍‌ରେ ଅଟକିବା ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନେ ଭଦ୍ରକ ଷ୍ଟେସନ୍‌ରେ ନ ଓହ୍ଲାଇ କେନ୍ଦୁଆପଦାରେ ଓହ୍ଲାଇବାକୁ ସେମାନଙ୍କୁ ଅବଗତ କରାଯିବା ନେଇ କମିଟିର କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହି ପର୍ବରେ କୋରାନ୍ ପାଠ, ପୀରବାବାଙ୍କୁ ସାଧାରଣ ଜନତାଙ୍କ ଦର୍ଶନ, କବି ସମ୍ମିଳନୀ, ଉତ୍ସବର ବିଶେଷ ଆକର୍ଷଣ ଚଦର ଶୋଭାଯାତ୍ରା, ସାମୂହିକ ପ୍ରାର୍ଥନା, ପୀରବାବାଙ୍କ ନାତି ସାଜାଦା ନସିନ୍‌ଙ୍କ ଧାର୍ମିକ ବାଣୀ ପ୍ରଦାନ, ମୌଲାନା ମାନଙ୍କର ଆଧାତ୍ମିକ ବକ୍ତବ୍ୟ ପ୍ରଦାନ କାର୍ଯ୍ୟକ୍ରମ ସବୁ ଆୟୋଜନ ନେଇ ସମୟସୂଚୀ ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ଉଚ୍ଚଶିକ୍ଷା, କ୍ରୀଡ଼ା, ସଂସ୍କୃତି ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ ଏବଂ କୈଳାସ ମହାପାତ୍ର, ଧାମନଗର ବି.ଡ଼ି.ଓ. ବନ ବିହାରୀ ଦିଣ୍ଡା, ତହସିଲଦାର ଦୀପକ କୁମାର ଦାସ, ଏସ୍.ଡ଼ି.ପି.ଓ., ତ୍ରିଲୋଚନ ସେଠୀ, ଧାମନଗର ଥାନାଧିକାରୀ ଏନ୍.ଏ.ସି. ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ ପ୍ରମୁଖ ଏହି ବୈଠକରେ ଆବଶ୍ୟକମତେ ତଥ୍ୟ ଓ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାସ୍ତରୀୟ ଓ ସଂପୃକ୍ତ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ପୁରୀ ଜିଲ୍ଲା ପ୍ରଥମ ଦିଶା ବୈଠକ ଅନୁଷ୍ଠିତ



ପୁରୀ, ୦୬/୧୦ (ନି.ପ୍ର): ପୁରୀ ଜିଲ୍ଲା ପ୍ରଥମ ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବା ଦିଶା ବୈଠକ ଆଜି ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଅଧକ୍ଷତା କରିବା ସହ ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ସାଧାରଣ ଲୋକ ମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ଆମର କର୍ତବ୍ୟ ।ତେଣୁ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରି ଲୋକ ମାନଙ୍କୁ ତାହାର ସୁଫଳ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ ।ଏହି ବୈଠକରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ,ଡିଏଫଓ ବିବେକ କୁମାର, ଅନ୍ୟ ବିଧାୟକ ମାନଙ୍କ ପ୍ରତିନିଧି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଶଂଗ୍ରହଣ କରିଥିଲେ। ୨୦୨୪-୨୫ ବର୍ଷ ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନ ରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ୩୫୬୮.୦୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା ବେଳେ ୨୧୯୦.୫୧ ଲକ୍ଷ ଟଙ୍କା ବିନିଯୋଗ ହୋଇଛି। ଚଳିତ ବର୍ଷ ୮୩୨୩ ଗର୍ଭବତୀ ମାନ ଙ୍କୁ ଟିଟି,୪୭୧୬ ଶିଶୁ ଙ୍କୁ ବିସିଜି,୮୩୭୫ ଶିଶୁ ଙ୍କୁ ପେଂଟାଭାଲେଂଟ,୯୭୮ ଜଣ ଙ୍କୁ ମିଳି ମିଳା ରୁବେଲା,୮୩୭୨ ଜଣ ଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ସମସ୍ତ ୪୦୪୯ ପ୍ରସବ ଡାକ୍ତରଖାନାରେ କରାଯାଇଛି। ନିରାମୟ ଯୋଜନା ରେ ୧୪୭୧୪୨୮ ଜଣ ଙ୍କୁ ମାଗଣା ଔଷଧ ଦିଆଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ଜାତୀୟ ଗ୍ରାମ ପାନୀୟ ଜଳ କାର୍ଯ୍ୟକ୍ରମ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ,ମଧ୍ୟାହ୍ନ ଭୋଜନ, ସମଗ୍ର ଶିକ୍ଷା, ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଞ୍ଚଳ,ସ୍ୱଚ୍ଛ ଭାରତ ମିଶନ, ଡିଜିଟାଲ ଇଣ୍ଡିଆ,ଜାତୀୟ ଗ୍ରାମ୍ୟ ଜୀବିକା ମିଶନ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା,ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଇତ୍ୟାଦି ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସାଂସଦ ଡା ପାତ୍ର ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତ ଙ୍କୁ ସ୍ୱାଗତ କରିବା ସହ ବୈଠକ ପରିଚାଳନା ରେ ସହଯୋଗ କରିଥିଲେ ।ଏଥିରେ ଅନ୍ୟାନ୍ୟ ଲୋକ ପ୍ରତିନିଧି, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଶଂଗ୍ରହଣ କରିଥିଲେ।

# ମୋବାଇଲ ଲୁଟେରା ଗିରଫ : ବହୁ ମାମଲାରେ ସମ୍ପୃକ୍ତ ଲୁଟେରା

ଧର୍ମଶାଳା, ୦୬/୧୦ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅଂଚଳରୁ ଜଣେ ମୋବାଇଲ ଲୁଟେରାଙ୍କୁ କାବୁ କରିଛନ୍ତି ଗ୍ରାମବାସୀ । ଲୁଟେରା ଯୁବକକୁ କାବୁ କରି ବ୍ରହ୍ମବରଦା ଥାନାରେ ଜିମା ଦିଆଯାଇଛି । ଏନେଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଲୁଟେରା ଜଣକ ହେଲେ ଧର୍ମଶାଳା ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ଅଶୋକ ଦାସଙ୍କ ପୁଅ ବିଶ୍ୱଜିତ(୩୦) ବୋଲି ଜଣାପଡିଛି । ତାହା ନିକଟରେ ଚୋରୀ ମୋବାଇଲ ଜବତ ହୋଇଥିବା ବେଳେ ପୂର୍ବରୁ ବହୁ ମାମଲାରେ ବିଶ୍ୱଜିତ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏନେଇ ବ୍ରହ୍ମବରଦା ଥାନାରେ ବ୍ରହ୍ମବରଦା ଗ୍ରାମର ନିଶିକାନ୍ତ ପାଢୀ ଅଭିଯୋଗ କରିଥିବା ଜଣାପଡିଛି । ଅଭିଯୋଗ ମୁତାବକ,ଆଜି ବ୍ରହ୍ମବରଦା ଚଣ୍ଡି ମନ୍ଦିର ପରିସରରେ ମାଆଙ୍କ ନବରାତ୍ର ପୂଜା ଚାଲୁ ରହିଛି । ଅପରାହ୍ନ ମନ୍ଦିରରେ ପହଡ ପରିବା ପରେ ପୂଜକ ନିଶିକାନ୍ତ ପାଢୀ ବିଶ୍ରାମ ଗୃହରେ ଶୋଇ ପଡିଥିଲେ । ଏହି ସମୟରେ ମୁଣ୍ଡ ଉପରେ ଥିବା ଏକ ଦାମିକିଆ ମୋବାଇଲ ତକିଆ ତଳୁ ଚୋରୀ ହେବା ସମୟରେ ତକିଆ ହଲି ଯାଇଥିଲା । ଫଳରେ ନିଶିକାନ୍ତଙ୍କ ନିଦ ଭାଙ୍ଗି ଯାଇଥିଲା । ଫଳରେ ମୁଣ୍ଡ ଉପରେ ମୋବାଇଲ ନ ଥିବା ଜାଣି ପରି ମନ୍ଦିରରୁ ଜଣେ ଯୁବକ ଦଉଡି ଯିବା ଦେଖି ତାଙ୍କୁ ପିଛା କରିଥିଲେ । ଏହାକୁ ଦେଖି ଗ୍ରାମବାସୀ ନିଶିକାନ୍ତଙ୍କୁ ସହଯୋଗ କରି ଡିହସାହି ନିକଟରେ ଲୁଟେରାକୁ କାବୁ କରି ଚଣ୍ଡି ମନ୍ଦିର ପରିସରକୁ ଆଣିଥିଲେ । ଏନେଇ ଗ୍ରାମବାସୀ ବ୍ରହ୍ମବରଦା ପୋଲିସକୁ ଖବର ଦେଇଥିଲେ । ହେଲେ ପୋଲିସ ଆସିବା ବହୁ ବିଳମ୍ବ ହେବାରୁ ଏନେଇ ଗ୍ରାମବାସୀ ଯାଜପୁର ରୋଡ ଏସଡିପିଓ ସଂଜୟ କୁମାର ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବା ପରେ ବ୍ରହ୍ମବରଦା ପୋଲିସ ଘଟଣାସ୍ଥଳରେ ପଂହଚି ବିଶ୍ୱଜିତକୁ ଥାନାକୁ ଆଣି ପଚରାଉଚୁରା କରିଥିଲା । ଏନେଇ ଥାନାରେ ନିଶିକାନ୍ତ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ବିଶ୍ୱଜିତଙ୍କ ନାମରରେ ପୂର୍ବରୁ ଧର୍ମଶାଳା ଥାନାରେ ବହୁ ମାମଲା ରହିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି ।

# ବସ୍‌ରୁ ଲାପଟପ୍ ଚୋରି କରି ପଳାଉଥିବା ଯୁବକକୁ ଧରି ଥାନାରେ ଜିମା

କୋରେଇ, ୦୬/୧୦ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସୋତି ନିକଟରେ ଥିବା ମହାବୀର ହୋଟେଲ ନିକଟରୁ ବସରୁ ଲାପଟପ ଚୋରି କରି ନେଇ ପଳାଉଥିବା ଯୁବକ ଧରାପଡି ପୁଲିସ ଜିମା ଦିଆଯାଇଛି । ପୁଲିସ ଉକ୍ତ ଯୁବକକୁ ଅଟକ ରଖି ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ଭୁବନେଶ୍ୱରରୁ କେଉଁଝର ଏକ ଘରୋଇ ଯାତ୍ରୀବାହୀ ବସ୍ ଶୁକ୍ରବାର ରାତ୍ରୀରେ ଯାଉଥିବା ବେଳେ ମହାବୀର ହୋଟେଲରେ ଖାଇବା ପାଇଁ ରହିଥିଲା । ବସ୍ ରୁ ଯାତ୍ରୀମାନେ ଓହ୍ଲାଇ ଖାଇବାକୁ ଯାଇଥିବା ବେଳେ ମାତ୍ର ହାତଗଣତି କେତେ ଜଣ ବସ୍ ମଧରେ ରହିଥିଲେ । ପୂର୍ବରୁ ଜଣେ ଯୁବକ ଲାପଟପ ଦେଖୁଥିବା ବେଳେ ସେ ତା ସିଟରେ ବ୍ୟାଗରେ ଲାପଟପ ରଖି ଖାଇବାକୁ ଯାଇଥିଲା । କେଉଁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ଓଡପଡା ଗ୍ରାମର ରତିରଂଜନ ସାହୁ ବସର ସ୍ଲିପରେ ଶୋଇ ଏହା ଦେଖିଥିଲେ । ଲାପଟପ ରଖିଥିବା ଯୁବକ ଖାଇବାକୁ ଓହ୍ଲାଇଯିବା ପରେ ଏହାର ସୁଯୋଗରେ ରତିରଂଜନ ସ୍ଲିପରରୁ ଓହାଇ ଲାପଟପ ନେଇ ତା ବ୍ୟାଗରେ ପୁରାଇ ବସରୁ ଓହ୍ଲାଇଥିଲା । ପଛରେ ଥିବା ଜଣେ ଯାତ୍ରୀ ଏହା ଦେଖି ପାଟି କରିଥିଲେ । ବସ୍‌ରୁ ଓହ୍ଲାଇ ଫେରାର ହେବାକୁ ରତି ରଂଜନ ଉଦ୍ୟମ କରୁଥିବା ବେଳେ ବସ୍ କଣ୍ଡକ୍ଟର ତାକୁ ମାଡି ବସିଥିଲେ ।

# ବଡଚଣା ସଂଜୟନଗର ଗ୍ରାମରେ ବଢୁଛି କିଡ୍‌ନୀ ରୋଗୀଙ୍କ ସଂଖ୍ୟା

ଧର୍ମଶାଳା, ୦୬/୧୦ (ନି.ପ୍ର): କିଡ୍‌ନୀ ରୋଗରେ କଷ୍ଟ ଯନ୍ତ୍ରଣା ପାଉଥିବା ବେଳେ ଅନେକ ବ୍ୟକ୍ତି ଉପଯୁକ୍ତ ଚିକିତ୍ସା ଅଭାବରୁ ଜୀବନ ଯାଉଥିବା ବେଳେ ଅନେକଙ୍କ ଘର ଉଜୁଡି ଯାଉଛି । ସ୍ୱଚ୍ଛ ପାନୀୟ ଜଳ ପାଇଁ ଏହି କିଡନୀ ରୋଗ ବୃଦ୍ଧି ପାଇବାରେ ଲାଗିଛି । ଜନସାଧାରଣଙ୍କୁ ଉପଯୁକ୍ତ ପାନୀୟ ଜଳ ଯୋଗାଇ ଦେବାରେ ସରକାର ବିଫଳ ହେଉଥିବା ବେଳେ ସ୍ୱଚ୍ଛ ପାଣି ନ ପାଇ ଦୁଃଖରେ ଜୀବନ କାଟୁଛନ୍ତି ଗ୍ରାମବାସୀ । ଜଣେ ନୁହେ କି ଦୁଇ ଜଣ ନୁହେଁ । ଗ୍ରାମର ୭ରୁ ଉର୍ଦ୍ଧ ଯୁବକ ,ବୃଦ୍ଧବୃଦ୍ଧା କିଡନୀ ରୋଗରେ ଆକ୍ରାନ୍ତ । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ବ୍ଲକ ଅଂଚଳରେ । ଏହି ବ୍ଲକ ଧାନମଣ୍ଡଳକୁ ଲାଗି ରହିଛି ସଂଜୟନଗର ଗ୍ରାମ । ଏହି ଗ୍ରାମରେ ଅନେକ ଆଦିବାସୀ ପରିବାର ବସବାସ କରନ୍ତି । ଏହି ଗ୍ରାମରେ ଉପଯୁକ୍ତ ପାନୀୟ ଜଳ ନ ମିଳିବାରୁ ବିଶୁଦ୍ଧ ପାଣି ପିଇ ଅନେକ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିବା ଦେଖିବାକୁ ମିଳିଛି । ଗ୍ରାମର ୭ରୁ ଉର୍ଦ୍ଧ ବ୍ୟକ୍ତି ଏହି ରୋରଗରେ ଆକ୍ରାନ୍ତ । ସେମାନେ ଯାହା ରୋଜଗାର କରିନ୍ତି ତାହା ସମୁଦ୍ରକୁ ଶଙ୍ଖେ । ମହିଳାମାନେ ଦିନ ମଜୁରୀଆ ଭାବେ ଯାହା ଆଣନ୍ତି ତାହା ଚିକିତ୍ସା ଖର୍ଚ୍ଚରେ ସରି ଯାଏ । ପରିବାର ଚଳିବା କଷ୍ଟକର ହୋଇପଡୁଛି । ଏହି ଗ୍ରାମରେ ପୂର୍ବରୁ ଅନେକ ଏହି ରୋଗର ଶିକାର ହୋଇ ମରଣ ମୁଖରେ ପଡିଛନ୍ତି । ଯଦି ସରକାର ଉପଯୁକ୍ତ ପଦକ୍ଷେପ ଓ ସ୍ୱଚ୍ଛ ପାଣିର ବ୍ୟବସ୍ଥା କଲେ ଅବଶିଷ୍ଟ ଜୀବନ ବଂଚି ଯିବ ବୋଲି କହିଛନ୍ତି କିଡନୀ ଆକାନ୍ତ ରୋଗୀ । ଯଦି ଓ ଏହି ଗ୍ରାମରେ ନଳକୂପ ରହିଛି । ତାହା ୫୦ରୁ ଉର୍ଦ୍ଧ ପରିବାର ଏହା ଉପରେ ନିର୍ଭର କରୁଛନ୍ତି । କିନ୍ତୁ ଏହି ନଳକୂପ ପିଇବା ପାଇଁ ଅନୁପଯୁକ୍ତ । ତେବେ ସେମାନେ ପାଣି ନ ପାଇ ବାଧ୍ୟ ହୋଇ ଏହି ନଳକୂପ ପାଣି ପାଇବାକୁ ବାଧ୍ୟ ହେଉଛନ୍ତି । ଅନ୍ୟପକ୍ଷେ କୌଣସି ମତେ ଖବର ପାଇଁ ଏହି ଗ୍ରାମରେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କର୍ମୀମାନେ ପଂହଚି ରୋଗୀମାନଙ୍କ ସହ ଆଲୋଚନା କରିଥିବା ଜଣାପଡିଛି । ଗ୍ରାମରେ ଦିନକୁ ଦିନ କିଡନୀ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି ।

# ନେପାଳରେ ବନ୍ୟା ପ୍ରଭାବିତ ୧୨ ଜିଲ୍ଲାକୁ ବିପର୍ଯ୍ୟୟ ଘୋଷଣା

କାଠମାଣ୍ଡୁ, ୦୬/୧୦ (ନି.ପ୍ର): ନେପାଳ ସରକାର ବନ୍ୟା ପ୍ରଭାବିତ ୧୨ ଜିଲ୍ଲାକୁ ବିପର୍ଯ୍ୟୟ ଘୋଷଣା କରିଛନ୍ତି। ଆଜି ସକାଳେ ସିଂହଦରବାରରେ ହୋଇଥିବା କ୍ୟାବିନେଟ ବୈଠକରେ ସରକାର ଏହା ଘୋଷଣା କରିଛନ୍ତି। ଏହି ଜିଲ୍ଲାଗୁଡିକର ପ୍ରାଥମିକତା ଆଧାରରେ ପୁନଃନିର୍ମାଣ ହେବ। କ୍ୟାବିନେଟରେ ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଏବଂ ପରିଚାଳନା ପ୍ରାଧିକରଣ କାର୍ଯ୍ୟକାରୀ କମିଟି ସୁପାରିସ ଆଧାରରେ ଏହି ଜିଲ୍ଲାଗୁଡିକୁ ଆସନ୍ତା ତିନି ମାସ ପାଇଁ ବିପର୍ଯ୍ୟୟ ପ୍ରଭାବିତ ବୋଲି ଘୋଷଣା କରିଛନ୍ତି । କ୍ୟାବିନେଟ ବୈଠକ ପରେ ଗୃହମନ୍ତ୍ରୀ ରମେଶ ଲେଖକ କହିଛନ୍ତି ଯେ ଏହି ଜିଲ୍ଲାରେ ତାପ୍ଲେଜୁଙ୍ଗ, ପାଞ୍ଚଥର, ସଂଖୁୱାସଭା ,କାଭ୍ରେ, ଲଳିତପୁର, ସୋଲୁଖୁମ୍ବୁ, ଦେଲଖା, ସିନ୍ଧୁଲି, ରାମେଛାପ,ମକୱାନପୁର,ସିନ୍ଧୁପାଲଚୌକ ଏବଂ ଧଦିଙ୍ଗ ଅନ୍ତର୍ଭୁକ୍ତ। ସେ କହିଛନ୍ତି ଯେ ବର୍ତ୍ତମାନ ଏହି ଜିଲ୍ଲାଗୁଡିକରେ ରିଲିଫ ଏବଂ ପୁନର୍ନିର୍ମାଣ ପାଇଁ ସମସ୍ତ କ୍ଷମତା କେନ୍ଦ୍ର ସରକାରଙ୍କ ପାଖରେ ରହିବ। ରାଜ୍ୟ ସରକାର ଏବଂ ସ୍ଥାନୀୟ ସରକାରଙ୍କୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରିବାକୁ ପଡିବ।

## ସରପଂଚଙ୍କ ତାଲିମ ପାଇଁ ଆରମ୍ଭ ହେଲା ସର୍ଭେ

ଉଦଳା , ୦୬/୧୦ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ କାର୍ଯ୍ୟରତ ଥିବା ସମସ୍ତ ୪୦୪ଜଣ ଯାକ ସରପଂଚ ସାମାଜିକ ଗଣମାଧମର ବ୍ୟବହାର ଓ ଏହାର ଉପଯୋଗ ସମ୍ପର୍କରେ ତାଲିମ ନେବେ । ଜନଜାଗୃତି ମଂଚ ତରଫରୁ ଦିଆଯିବାକୁ ଥିବା ଏହି ତାଲିମ ସକାଶେ ସର୍ଭେ କାମ ଆରମ୍ଭ ହୋଇଛି ବୋଲି ମଂଚର ଟିମ୍ ଲିଡ଼ର ଗଦାଧର ଦାଶ ଜଣାଇଛନ୍ତି । ମଂଚର କର୍ମି ମାନେ ସିଧାସଳଖ ସରପଂଚଙ୍କୁ ସାକ୍ଷାତ କରି ଏହି ତାଲିମ ଓ ଏହାର ଆବଶ୍ୟକତା ବିଷୟରେ ଅବଗତ କରାଇବା ସହ ସର୍ଭେ ପାଇଁ ଦରକାର ପଡୁଥିବା ତଥ୍ୟ ସଂଗ୍ରହ କରୁଛନ୍ତି । ସରପଂଚ ମାନଙ୍କ ପକ୍ଷେ ଏହା ଜାଣିବା ବର୍ତ୍ତମାନ ନିହାତି ଜରୁରୀ ହୋଇପଡ଼ିଛି ବୋଲି ଅନେକ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ସର୍ଭେ କାମ ସରିବା ପରେ ତାଲିମର ଚୂଡ଼ାନ୍ତ ରୂପରେଖ ପ୍ରକାଶ ପାଇବ ବୋଲି ମଂଚ ତରଫରୁ ଘୋଷଣା କରାଯାଇଛି ।

## ମା' ସମଲେଶ୍ୱରୀ ମା' ଦୁର୍ଗା କୁଷ୍ମାଣ୍ଡା ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି

ବଲାଙ୍ଗିର, ୦୬/୧୦ (ନି.ପ୍ର): ଆଶ୍ୱିନ ଶୁକ୍ଳ ପ୍ରତିପଦ ଠାରୁ ନବମୀ ପର୍ଯ୍ୟନ୍ତ ନବଦିନ ବ୍ୟାପୀ ଶାରଦୀୟ ନବରାତ୍ରୀରେ ମା ଙ୍କ ପୂଜା ହୁଏ। ପ୍ରତିଦିନ ମା ଭିନ୍ନ ରୁପ ରେ ପୂଜା ପାଆନ୍ତି । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଶକ୍ତି ପୀଠ ଗୁଡିକରେ ନବଦିନାତ୍ମକ ପୂଜା ହୋଇ ଆସୁଥିବାରୁ ସବୁ ପୀଠ ଗୁଡ଼ିକ ଚଳଚଞ୍ଚଳ ମୁଖରିତ ହୋଇ ଉଠିଛି। ସହର ଭିତରେ ଥିବା ପାଟଣା ଅଧିଷ୍ଠାତ୍ରୀ ଦେବୀ ମା ପାଟନେଶ୍ୱରି ସମଲେଶ୍ୱରୀ ଓ ଦୁର୍ଗା ମନ୍ଦିରରେ ନବ ଦିନାତ୍ମକ ପୂଜା ହୋମ ହେଉଛି। ଆଜି ଚତୁର୍ଥ ଦିବସରେ ଏଠାରେ ମା ସମଲେଶ୍ୱରୀ, ଜଗତଜନନୀ ମା ଦୁର୍ଗା କୁଷ୍ମାଣ୍ଡା ବେଶରେ ପୂଜା ପାଉଛନ୍ତି। ପୂର୍ବରୁ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା ରୂପରେ ପୂଜା ପାଇଥିଲେ। ଆଜି ପ୍ରାତଃ ମଙ୍ଗଳ ଆରତୀ ପରେ ଦ୍ୱାର ଫିଟା, ପରେ ଶ୍ରଦ୍ଧାଳୁ ମାନେ ମା ଙ୍କ ରୂପ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ମା' ଦୁର୍ଗାଙ୍କର ଚତୁର୍ଥ ସ୍ୱରୂପରେ ଦେବୀ କୁଷ୍ମାଣ୍ଡାଙ୍କୁ ପୂଜିବାର ବିଧି ରହିଛି । ମା'ଙ୍କ ଆରାଧନା ଦ୍ୱାରା ଭକ୍ତଙ୍କ ବଳ, ବୁଦ୍ଧି ବିଦ୍ୟା, ପ୍ରେମ, ଜ୍ଞାନ, ଆୟୁ, ଯଶ, ଆରୋଗ୍ୟ, ସନ୍ତାନର ସୁଖ ପ୍ରାପ୍ତ ହୋଇଥାଏ । ଶାସ୍ତ୍ର ଅନୁଯାୟୀ ଯେତେବେଳେ ସାରା ଜଗତ ଅସ୍ତିତ୍ୱ ବିହିନ ଥିଲା, ସେହି ସମୟରେ ଦେବୀ କୁଷ୍ମାଣ୍ଡା ପୁରା ବ୍ରହ୍ମାଣ୍ଡକୁ ସଂରଚନା କରିଥିଲେ । ତାଙ୍କର ଏହି ସ୍ୱରୂପକୁ ପ୍ରଜ୍ୱଳିତ ପ୍ରଭାକର ବୋଲି କୁହାଯାଏ । ଅର୍ଥାତ ଚମକୁଥିବା ସୂର୍ଯ୍ୟଙ୍କ ଭଳି । ମା ଙ୍କ ଦର୍ଶନରେ ରୋଗ ତପ ଦୂର ହୋଇ କଲ୍ୟାଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।


### AFFIDAVIT

An affidavit before the executive Magistrate Balasore, I, Sangita Barik, aged about 36 years, W/o- Dhirendra Khilar resident of Vill- Olandajsahi, P.o- Motiganj, P.s. Town, Dist- Balsore, odisha declare that in the Aadhar card No. 866216477397 wherein my name has been reflected as SANGITA BARIK and also in some other documents. That in the birth certificate of my daughter SAIPRITI KHILAR, born on 26.08.2010 issued by Balasore Municipality, Balasore vide regd. No. 9978/2019 dtd. 22.08.2019 issued on 26.08.2019 my name has been recorded as Sangita Khilar asper my post marriage surname. That both the names Sangita Barik & Sangita Khilar is same and one person in the aforesaid birth certificate.

Sangita Barik


# ଖଇରା ଅଗ୍ରଣୀ ସଙ୍ଗଠନ ପକ୍ଷରୁ ପ୍ରାକ୍ତନ ପ୍ରାଧ୍ୟାପକଙ୍କ ସ୍ମୃତିସଭା

ଖଇରା, ୦୬/୧୦ (ନି.ପ୍ର): ।ଲେଶ୍ୱର ଜିଲା ଖଇରା ବ୍ଲକ ସମସ୍ତ ଅଗ୍ରଣୀ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ,ସାହିତ୍ୟକ,ସଙ୍ଗଠକ ତଥା ୫୦ରୁ ଉର୍ଦ୍ଧ ସଙ୍ଗଠନ ସହ ଜଡିତ ଥିବା ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ସ୍ୱର୍ଗତ ଉମେଶ ଚନ୍ଦ୍ର ନାୟକଙ୍କ ବିୟୋଗରେ ଏକ ସ୍ମୃତିସଭା ରବିବାର ଦିନ ଖଇରା ଶିକ୍ଷକ ସଂଘ ଭବନରେ ଅନୁଷ୍ଠିତ ହୋଇ ଯାଇଛି । ଅନ୍ତର୍ଯ୍ୟାମୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ସ୍ୱର୍ଗତ ନାୟକଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ । ଖଇରାର ଅଗ୍ରଣୀ ଅନୁଷ୍ଠାନ ପ୍ରତିଭା ପରିବାର, ଜନଜାଗରଣ ମଞ୍ଚ, ବରିଷ୍ଠ ନାଗରିକ ମଞ୍ଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଖଇରା ସାହିତ୍ୟ ସଂସଦ, ଗୋବିନ୍ଦ ପଣ୍ଡା ସ୍ମୃତି କମିଟି, ଗାୟତ୍ରୀ ପରିବାର, ରାଧାଶ୍ୟାମ ପଣ୍ଡା ସ୍ମୃତି ପରିଷଦ, କବି ବାଞ୍ଛାନିଧି ପଣ୍ଡା ସ୍ମୃତି ପରିଷଦ ର କର୍ମକର୍ତ୍ତା ତଥା ସ୍ଥାନୀୟ ଜନସାଧାରଣ ଯୋଗ ଦେଇ ପିଲାବେଳୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜିବନ ସଂଘର୍ଷମୟ ଥିବା ବେଳେ ତାଙ୍କ ମୁଖ ମଣ୍ଡଳରେ ଏହାର ପ୍ରତିଫଳନ ହେଉନଥିଲା ବୋଲି ପ୍ରକାଶ କରିଥିଲେ । ଅକ୍ଟୋବର ୬ତାରିଖ ତାଙ୍କର ଜନ୍ମତାରିଖ ଥିବା ବେଳେ ସେହି ତାରିଖରେ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜନ ଏକ ବିଡମ୍ବନା ବୋଲି ବକ୍ତାମାନେ ମତ ଦେଇଥିଲେ । ସେହିଭଳି ଜନଜାଗରଣ ମଞ୍ଚର ନିରଞ୍ଜନ ବେହେରାଙ୍କ ପୌରହିତ୍ୟରେ ମଞ୍ଚ କାର୍ଯ୍ୟାଳୟରେ ଅନ୍ୟଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି ।

# ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମାଗଣାରେ ବ୍ୟାଟେରୀ ଚାଳିତ ଗାଡ଼ି ଓ ଖାଦ୍ୟ ପ୍ରଦାନ ବ୍ୟବସ୍ଥା ଉଦ୍‌ଘାଟନ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ




ଭଦ୍ରକ, ୦୬/୧୦ (ନି.ପ୍ର): ବସ୍‌ଷ୍ଟାଣ୍ଡରୁ ନୂଆ ଓ ପୁରୁଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ, ପୁରୁଣା ମୁଖ୍ୟ ଡାକ୍ତରଖାନାରୁ ନୂଆ ଡାକ୍ତରଖାନାକୁ ମାଗଣାରେ ରୋଗୀ ପରିବହନ କରାଯିବା ଉଦ୍ଦେଶ୍ୟରେ ଭଦ୍ରକର 'ଫୁଲରାଣୀ' ଫାଉଣ୍ଡେସନ ଦ୍ୱାରା ବ୍ୟାଟେରୀ ଚାଳିତ ଗାଡ଼ି ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପ୍ରଦାନ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ପୀତାମ୍ବର ବିଶ୍ୱାଳଙ୍କ ଦ୍ୱାରା ପ୍ରଣୀତ ଏହି ଫାଉଣ୍ଡେସନର ମିଶନ୍ ମୋବିଲିଟି ଯୋଜନାରେ ଏହି ଗାଡ଼ି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି ଯୋଜନାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ପ୍ରତିଷ୍ଠାନ, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଫିତାକାଟି ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ଦିଲୀପ ରାଉତରାଏ ଭାରପ୍ରାପ୍ତ ସି.ଡ଼ି.ଏମ୍.ଓ. ଡା ସୁଧୀର ରଞ୍ଜନ ନାୟକ, ଡି.ପି.ଏମ୍. ସରିତା ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି ଭୁବନେଶ୍ୱରର 'କର୍ତ୍ତବ୍ୟ' ଫାଉଣ୍ଡେସନ୍ ଆନୁକୂଲ୍ୟରେ ସୁଖମ୍ ଅନ୍ନମ୍ ଯୋଜନାରେ ୧୫ ନଭେମ୍ବର ୨୦୨୪ କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଚିକିତ୍ସିତ ଥିବା ରୋଗୀମାନଙ୍କ ସହାୟକ ଓ ନିହାତି ଅସହାୟ ଗରିବ ଲୋକମାନଙ୍କୁ ମାଗଣାରେ ମଧ୍ୟାହ୍ନ ଓ ରାତ୍ର ଭୋଜନ ଯୋଗାଇ ଦିଆଯିବା ନେଇ ସୂଚନା ପ୍ରଦାନ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକ କଲ୍ୟାଣି ପଞ୍ଚାୟତନିବାସୀ ଲଳିତେନ୍ଦୁ ଜେନାଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ପ୍ରତିଦିନ ମଧ୍ୟାହ୍ନରେ ୩୫୦ ମିଲ ଓ ରାତ୍ର ଭୋଜନରେ ୩୫୦ ମିଲ୍ ସମୁଦାୟ ୭୦୦ ମିଲ ପ୍ରତ୍ୟେକଦିନ ପ୍ରଦାନ କରାଯିବ। ସୂଚନା ଯୋଗ୍ୟକି ଏହି ଅନୁଷ୍ଠାନ ତରଫରୁ ଅକ୍ଷୟ ତୃତୀୟା ଦିନ ଠାରୁ ଏସ୍.ସି.ବି. କଟକ ଡାକ୍ତରଖାନାରେ ଦୈନିକ ୪୫୦ ମଧ୍ୟାହ୍ନ ଭୋଜନ ଓ ୪୫୦ ରାତ୍ର ଭୋଜନ ରୋଗୀମାନଙ୍କ ସହାୟକମାନଙ୍କୁ ପ୍ରଦାନ କରାଯାଇ ଆସୁଅଛି। ସ୍ୱାସ୍ଥ୍ୟ ଓ ଶିକ୍ଷା ଉଭୟ ଦିଗରେ ଉତ୍ସର୍ଗୀକୃତ ଭାବେ ବିଭିନ୍ନ ସେବା ପ୍ରଦାନ କର୍ତ୍ତବ୍ୟ ଫାଉଣ୍ଡେସନ ର ମୁଖ୍ୟ ଲକ୍ଷ୍ୟ ବୋଲି ଅନୁଷ୍ଠାନର ଅନ୍ୟତମ ସହଯୋଗୀ ନୀହାର ରଞ୍ଜନ ସାହୁ ପ୍ରକାଶ କରିଥିଲେ। ଉଭୟ ଶ୍ରୀଯୁକ୍ତ ଜେନା ଏବଂ ଶ୍ରୀଯୁକ୍ତ ସାହୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ନିଜ ଯୋଜନା ବିଷୟରେ ମାନ୍ୟବର ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ମାନ୍ୟବର ମନ୍ତ୍ରୀ ଓ ଜିଲ୍ଲାପାଳ ଡାକ୍ତରଖାନାର ରକ୍ତଭଣ୍ଡାର ପରିଦର୍ଶନ କରିଥିଲେ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରୁ କଟକ ଏ.ସି.ବି. ଡାକ୍ତରଖାନାକୁ ରେଫର କରାଯାଉଥିବା ଯୋଗୀମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବା ନେଇ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଏକ ସହାୟତା ଡେସ୍କ ବ୍ୟବସ୍ଥା କରାଯାଇ ଜନଭାଗିଦାରୀଙ୍କୁ ଫଳପ୍ରସୂ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

# କାହାଳିଆରେ ରକ୍ତଦାନ ଶିବିର ଅନୁଷ୍ଠିତ




ନୀଳଗିରି, ୦୬/୧୦ (ନି.ପ୍ର): ନୀଳଗିରି ଏନଏ ସି ଅନ୍ତର୍ଗତ କାହାଳିଆ ଗ୍ରାମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ସମାଜସେବୀ ତପସ୍ୱିନୀ ପଣ୍ଡାଙ୍କ ନେତୃତ୍ୱରେ ନୀଳଗିରି ଏନଏସି ୧୦ନଂ ୱାର୍ଡ ତଳ କାହାଳିଆ ଠାରେ ଉକ୍ତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ନୀଳଗିରି ରକ୍ତଦାତା ସଂଘର ସାଧାରଣ ସମ୍ପାଦକ ବିଜୟ ପାତ୍ର ଓ କାଉନସିଲର ଗୌରାଙ୍ଗ ବିନ୍ଧାଣୀ ଉକ୍ତ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଥମେ ରକ୍ତଦାନ ଉପରେ ଆଲୋଚନା କରାଯାଇଥିଲା। ଏହି ଶିବିରରୁ ୧୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିବା ବେଳେ ନୀଳଗିରି ରକ୍ତଭଣ୍ଡାରର ଟେକନିସିଆନ ସରୋଜ କୁମାର ପଣ୍ଡା, ଗତିକୃଷ୍ଣ ମହାନ୍ତି, ରାଜେଶ କୁମାର ନାୟକ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। କାହାଳିଆ ଯୁବଶାଖା ପକ୍ଷରୁ ଜ୍ଞାନେନ୍ଦ୍ର ପଣ୍ଡା, ଉପେନ୍ଦ୍ର ଦାସ ଓ ବହୁ ଯୁବସାଥୀ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂଗ୍ରାମୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଶ୍ରାଦ୍ଧ ଦିବସ ପାଳିଲେ ପୂଜ୍ୟ ପୂଜା ସଂସଦ

ଜୟପୁର, ୦୬/୧୦ (ନି.ପ୍ର): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜାଦ ହିନ୍ଦ ଫୌଜ ର ସେନାନୀ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଜଣେ ନିର୍ଭିକ ମହିଳା ଥିଲେ। ତାଙ୍କ ପବିତ୍ର ଶ୍ରାଦ୍ଧ ଦିବସ ପାଳନ ଅବସରରେ ଜୟପୁର ପୂଜ୍ୟପୂଜା ସଂସଦର ସଭାପତି ଉଦୟ ଶଙ୍କର ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ପ୍ରଫେସର ସତ୍ୟନାରାୟଣ ରଥ, ସମ୍ମାନିତ ଅତିଥି ଡ଼ଃ. ପରେଶ ରଥ, ସଂସ୍କୃତ ଶିକ୍ଷକ ମନୋଜ ମିଶ୍ର, ଶିବ କେଶବ ଦାସ, ପ୍ରମୋଦ କୁମାର ରାଉଳ, ପ୍ରବୀର ପାତ୍ର ଓ ପରିବାର ଲୋକେ।

# ମାରିସା ପକ୍ଷରୁ ମାରାଥନ୍ ରାଲି: ଅଲଚିକି ଓ ନାରୀ ସୁରକ୍ଷା ଅଭିଯାନରେ ଦୌଡିଲେ ୪୦୦୦ ପ୍ରତିଯୋଗୀ




ବାରିପଦା , ୦୬/୧୦ (ନି.ପ୍ର): ଆଜି ମାସ୍ ଆଦିବାସୀ ରିଭୋଲ୍ୟୁସନାରୀ ୟୁଥ୍ ଏଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ୍ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ୍ ମୁର୍ମୁଙ୍କ ପୌରହିତ୍ୟରେ ମିଶନ୍ ଅଲଚିକି - ୨୦୨୫ ଓ ନାରୀ ସୁରକ୍ଷା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ମାରାଥନ୍ ରାଲି ଆୟୋଜିତ ହୋଇଥିଲା । ଏହାର ଉଦ୍ଦେଶ୍ୟ ହେଉଛି ଦୁଇଟି ଜଳନ୍ତ ପ୍ରସଙ୍ଗ ଉପରେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରି ଏଥିରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା । ପ୍ରସଙ୍ଗ ହେଉଛି ସ୍ୱତନ୍ତ୍ର ସାନ୍ତାଳୀ ଲିପି 'ଅଲଚିକି'ର ବହୁଳ ପ୍ରଚାର ଓ ପ୍ରସାର ଓ ଅନ୍ୟଟି ହେଉଛି ବର୍ତ୍ତମାନର ସମାଜରେ ନାରୀର ସୁରକ୍ଷା ଯାହାକି ହେଉଛି ଏକ ସମ୍ବେଦନଶୀଳ ପ୍ରସଙ୍ଗ । ସ୍ଥାନୀୟ ଛଉ ପଡିଆଠାରେ ବାରିପଦା ବିଧାୟକ ପ୍ରକାଶ ସୋରେନ୍, ପୂର୍ବତନ କ୍ରୀଡା ମନ୍ତ୍ରୀ ସୁଦାମ ମାରାଣ୍ଡି, ମୟୂରଭଞ୍ଜ ଆଥେଲେଟିକ୍ ଆସୋସିଏସେନ୍ ର ସହ ସମ୍ପାଦକ ଅମର୍ ସେଠୀ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗର ଏଚ୍.ଓ.ଡି ଡ.ଜତିନ୍ଦ୍ର ନାଥ୍ ବେଶ୍ରା, ବରିଷ୍ଠ ଆଇନଜିବୀ ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ଜିଲ୍ଲାପୋରିଷଦ ସଭ୍ୟ ନରେନ୍ଦ୍ର ହାଁସଦାଃ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସାନ୍ତାଳୀ ଅଧାପକ ଲକ୍ଷ୍ମଣ ବାସ୍କେ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ଅଧାପକ ଦୁର୍ଗା ସୋରେନ୍ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଏହି ମାରାଥନକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ମାରିସା ରାଜ୍ୟ ସଭାପତି ଅର୍ଜୁନ୍ ମୁର୍ମୁ ସମେତ ମୟୂରଭଞ୍ଜ ଜିଲ୍ଲା ସଭାପତି ତୋଫାନ୍ ହେମ୍ବ୍ରମ୍, ଉପ ସଭାପତି ରବିନ୍ଦ୍ର ମାର୍ଣ୍ଡି ଓ ସାଧାରଣ ସମ୍ପାଦକ ଚାନ୍ଦ ତାରାଶ୍ ମୁର୍ମୁ , ଜିଲ୍ଲା ଛାତ୍ର ସଭାପତି ଶ୍ୟାମ ସୁନ୍ଦର ହାଁସଦାଃ,ସାଧାରଣ ସମ୍ପାଦକ ଅରବିନ୍ଦ ଟୁଡୁ ଏବଂ ଉପସଭାପତି ଦିପୁ ବେଶ୍ରା, ଶୁଳିଆପଦା ବ୍ଲକ୍ ଛାତ୍ର ସଭାପତି ରାଜୁ ମାର୍ଣ୍ଡି, ରାଜେଶ ବେଶ୍ରା, ମିଶ୍ର ମୁର୍ମୁ, କିଶୁନ ହେମ୍ବ୍ରମ, ସାଓ୍ୱନା ହେମ୍ବ୍ରମ୍, ଚାନ୍ଦ୍ରାୟ ସୋରେନ୍,ସଂଗ୍ରାମ ମୁର୍ମୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏହି ମାରାଥନ୍ ରାଲିରେ ସମୁଦାୟ ଅଂଶଗ୍ରହଣ କରିଥିବା ୪୦୦୦ଜଣ ସ୍ଥାନୀୟ ଛଉ ପଡିଆଠାରୁ ବାହାରି ମା' ଅମ୍ବିକା ମନ୍ଦିର ଦେଇ ସମଗ୍ର ସହର ପରିକ୍ରମା କରି ପୁନର୍ବାର ସହିଦ୍ ସ୍ମୃତି ଭବନ ପରିସରରେ ପହଞ୍ଚିଥିଲେ ଏଥିରେ ମହିଳା ବର୍ଗର ସସ୍ମିତା ଟିଗା, ସାମନ୍ତା ଗେନ୍, ଦୀପ୍ତି ରାଣୀ, ନାମ୍?ସି ସାମଦ, ଇତିଶ୍ରୀ ମହାନ୍ତ, ବାହ୍ଲି ମୁର୍ମୁ, ରାଜେସୋରି ସିଂ ଓ ମିତା ଗୋଇପାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ । ସେହିଭଳି ପୁରୁଷ ବର୍ଗର ଅଶୋକ ଦଣ୍ଡସେନା, ଦୟାନିଧି ମୁଣ୍ଡା, ଅନୁପମ୍ ମହାନ୍ତ, ପଞ୍ଚାନନ୍ ବେହେରା, ପବନ୍ କୁମାର ଯାଦବ, ଲାଲୁ କାଲୁନ୍ଦିଆ, ସୋରଜ୍ ବେହେରା ଓ କ୍ୟାପଟ୍ଟେନ୍ ପୂର୍ତ୍ତି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ ଏହି ରାଲିରେ ଜିଲ୍ଲାପ୍ରଶାସନ, ପୁଲିସ୍ ଏବଂ ମେଡିକାଲ୍ ଟିମ୍ ସହଯୋଗ କରିଥିଲେ ।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ....

### ଇସ୍ରାଏଲ ଉପରେ ହୋଇପାରେ ....

ଅସ୍ତ୍ରଶସ୍ତ୍ର ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛନ୍ତି । ସମଗ୍ର ବିଶ୍ୱର ଶାନ୍ତି ଏବଂ ନିରାପତ୍ତା ପାଇଁ ଯୁଦ୍ଧ ଜିତିବା ପର୍ଯ୍ୟନ୍ତ ଇସ୍ରାଏଲ ଯୁଦ୍ଧ ଜାରି ରଖିବ ବୋଲି ନେତ୍ୟାନ୍ୟାହୁ କହିଛନ୍ତି । ସେ କହିଛନ୍ତି, କିଛି ପାଶ୍ଚାତ୍ୟ ଦେଶ ଯେଉଁମାନେ ଇସ୍ରାଏଲ ବିରୋଧରେ ଅସ୍ତ୍ରଶସ୍ତ୍ର ପ୍ରତିବନ୍ଧକ ଦାବି କରୁଛନ୍ତି ସେମାନେ ଆତଙ୍କବାଦ ସହ ସମ୍ପର୍କରେ ଅଛନ୍ତି । ଆତଙ୍କବାଦକୁ ସମର୍ଥନ କରି ସେମାନେ ଲଜ୍ଜିତ ହେବା ଉଚିତ୍ । ନେତାନ୍ୟାହୁ ଆହ୍ୱାନ ଦେଇଛନ୍ତି ଆତଙ୍କବାଦ ବିରୋଧରେ ଲଢେଇ ପାଇଁ ସମସ୍ତ ଦେଶ ଇସ୍ରାଏଲର ସମର୍ଥନରେ ଓ ଆମ ସହ ଦୃଢ ଭାବରେ ଠିଆ ହେବା ଉଚିତ୍ । ରାଷ୍ଟ୍ରପତି ମାର୍କୋନଙ୍କୁ ମୋର ସନ୍ଦେଶ ଇସ୍ରାଏଲ ଏ ଯୁଦ୍ଧରେ ଶତ୍ରୁ ବିରୋଧରେ ୭ଟି ଦିଗରେ ନିଜକୁ ରକ୍ଷା କରୁଛି। ସେପଟେ ଦକ୍ଷିଣ-ଉତ୍ତର ଲେବାନନ ଉପରେ ଇସ୍ରାଏଲର ଘନଘନ ଆକ୍ରମଣ କରୁଛି । ହିଜବୁଲ୍ଲା ଗୁପ୍ତ ଗୁଇନ୍ଦା ମୁଖ୍ୟାଳୟକୁ ମାଟିରେ ମିଶାଇଲା ଆଇଡିଏଫ । ଟପ କମାଣ୍ଡରଙ୍କୁ ମାରି ହିଜବୁଲ୍ଲାର ମେରୁଦଣ୍ଡକୁ ଭାଙ୍ଗୁଛି ଇସ୍ରାଏଲ । ଗତକାଲି ଇରାନ ସୁପ୍ରିମଲିଡର ଇସ୍ରାଏଲକୁ ଧମକ ଦେବା ପରେ ଆକ୍ରମଣ ଜୋରଦାର କରିଛି ଆଇଡିଏଫ । କନକ ବ୍ୟୁରୋ: ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭିଶିଖା। ଲେବନନର ବେରୁଟରେ ଥିବା ହିଜବୁଲ୍ଲା ସଙ୍ଗଠନର ଆଡ୍ଡା ଉପରେ ଆକ୍ରମଣ କରିଛି ଇସ୍ରାଏଲ ସେନା ଆଇଡିଏଫ। ୨ ହଜାରରୁ ଅଧିକ ହଜବୁଲ୍ଲା ଠିକଣା ଉପରେ ଇସ୍ରାଏଲ ଆକ୍ରମଣରେ ୨୫୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ମୁସଲିମ ଦେଶଙ୍କ ବିରୋଧରେ ଯୁଦ୍ଧକୁ ବର୍ଷେ ପୁରିବାକୁ ଯାଉଥିବା ବେଳେ ଆକ୍ରମଣକୁ ଜୋରଦାର କରିଛି ଇସ୍ରାଏଲ। ସିରିଆ-ଲେବାନନ୍ ସୀମାରେ ଇସ୍ରାଏଲ୍ ?ର ଆକ୍ରମଣ ଯୋଗୁ ତୃତୀୟ ବିଶ୍ୱ ଯୁଦ୍ଧର ଆଶଙ୍କା ଦେଖା ଦେଇଛି। ହିଜବୁଲ୍ଲା ସଙ୍ଗଠନକୁ ପୁରା ଧ୍ୱଂସ କରିଦେବାକି ଯୋଜନା କରିଛି ଇସ୍ରାଏଲ। ସେଥିପାରୁ ହିଜବୁଲ୍ଲାର ଅସ୍ତ୍ରଶସ୍ତ୍ର ଯୋଗାଣ ଲାଇନକୁ କାଟିବା ପାଇଁ ଇସ୍ରାଏଲ ପକ୍ଷରୁ ସିରି-ଲେବାନନ୍ ସୀମାରେ ଏକ ବଡ଼ ବିମାନ ଆକ୍ରମଣ କରିଛି। ସିରିଆ ନିକଟରେ ଥିବା ଲେବାନନ୍ ସୀମାରେ ବୋମାମାଡ଼ କରି ଆଇଡିଏଫ୍ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ବନ୍ଦ କରିଦେଇଛି। ଏଥିସହ ଇସ୍ରାଏଲ ଆକ୍ରମଣରେ ଲେବାନନ୍ ?କୁ ସିରିଆ ସହିତ ସଂଯୋଗ କରୁଥିବା ୨ କିଲୋମିଟର ଲମ୍ବର ଟନେଲ ନଷ୍ଟ ହୋଇଯାଇଛି। ଏହି ଟନେଲ ମାଧ୍ୟମରେ ହିଜବୁଲ୍ଲାକୁ ଇରାନରୁ ଅସ୍ତ୍ରଶସ୍ତ୍ର ପଠାଯାଉଥିଲା। କୁହାଯାଉଛି ହିଜବୁଲ୍ଲା ଏବେ ନିଜର ଅସ୍ତିତ୍ୱ ପାଇଁ ସଂଗ୍ରାମ କରୁଛି। ଏହାର ସାମରିକ ଶକ୍ତି ପ୍ରାୟ ନଷ୍ଟ ହୋଇଯାଇଛି। ସେପଟେ ଇରାନର ତେଲ ଡିପୋ ଉପରେ ଇସାଏଲ ଆକ୍ରମଣ କରିବାକୁ ଯୋଜନା କରୁଥିବା ବେଳେ ଇସ୍ରାଏଲକୁ ଚେତାବନୀ ଦେଇଛି ଇରାନ। ଇସ୍ରାଏଲ ଉପରେ ବଡ଼ ଧରଣର ଆକ୍ରମଣ କରିବାକୁ ଆତଙ୍କୀ ସଙ୍ଗଠନ ହମାସ, ହିଜବୁଲ୍ଲା, ହୁତି ଯୋଜନା କରିଥିବା ନେଇ ଆମେରିକାର ଗୁପ୍ତଚର ଏଜେନ୍ସି ଏଫବିଆଇ ସତର୍କ ସୂଚନା ଜାରି କରିଛି। ସେପଟେ ସବୁ ଦେଶ ଇସ୍ରାଏଲକୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିଦେବାକୁ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ବୟାନକୁ କଡ଼ା ସମାଲୋଚନା କରିଛନ୍ତି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ। ସେପଟେ ଇସ୍ରାଏଲ ଆକ୍ରମଣରେ ହିଜବୁଲ୍ଲାର ନୂଆ ମୁଖ୍ୟ ହସିମ ସାଫିଦିନରର ମୃତ୍ୟୁ ହୋଇଛି। ହିଜବୁଲ୍ଲା ମୁଖ୍ୟ ନସରଲ୍ଲାର ହତ୍ୟା ପରେ ହସିମ ସାଫିଦିନରକୁ ନୂଆ ମୁଖ୍ୟ ନିଯୁକ୍ତ କରାଯାଇଥିଲା। ଗୋଟିଏ ପଟେ ଇସ୍ରାଏଲକୁ ଆମେରିକା ପୁରା ସମର୍ଥନ କରୁଛି, ଅନ୍ୟ ପଟେ ମୁସଲିମ ଦେଶମାନେ ଏକାଠୀ ହେଉଛନ୍ତି। ଯଦି ଦୁଇ ପକ୍ଷ ପରସ୍ପର ଉପରେ ଆକ୍ରମଣ କରନ୍ତି ସ୍ଥିତି ଆହୁରୀ ଭୟଙ୍କର ହେବ।

### ରାସ୍ତାରେ ଜଳିଗଲା ...

ଦୁର୍ଘଟଣା ପରେ ରାସ୍ତାରେ ଟ୍ରକ୍ ଓ କଣ୍ଟେନର ଜଳୁଥିବାରୁ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଶହଶହ ଗାଡ଼ି ଦୀର୍ଘ ସମୟ ପାଇଁ ଅଟକି ରହିଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ନିଆଁ ଲିଭିବା ପରେ ଟ୍ରକ୍ ଚାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ ଅଗ୍ନିଶମ କର୍ମଚାରୀ। ଏବେ ଗାଡ଼ି ଚଳାଚଳ ସ୍ୱଭାବିକ ହୋଇଥିବା ଜଣାପଡ଼ିଛି।

### ଜବତ ହେଲା ୨୦ ଲକ୍ଷ ....

ବାଣ ଜବତ କରିଛି। ଅଭିଯୁକ୍ତ ବିକାଶଙ୍କ ଡେଲିମାର୍କେଟ୍‌ରେ 'ରୂପସୃଙ୍ଗାର' ଦୋକାନ ଅଛି। ଉକ୍ତ ଦୋକାନ ପଛପଟେ ଏକ ଗୋଦାମରେ ୨୦ ଲକ୍ଷରୁ ଅଧିକ ମୂଲ୍ୟର ବିଭିନ୍ନ କିସମର ବାଣ ରଖିଥିଲେ। ଏନେଇ ସୂଚନାପାଇ ଶନିବାର ବିଳମ୍ବିତ ସଂଧାରେ ପ୍ଲାଣ୍ଟ୍‌ସାଇଟ୍ ପୁଲିସ ଚଢ଼ଉକରି ଜବତ କରିଥିଲା। ରବିବାର ଦିନସାରା ଛାନ୍‌ଭିନ୍ କରିଥିଲା। ଅଭିଯୁକ୍ତ ଦ୍ୱୟ କେଉଁଠାରୁ ବାଣ ଆଣିଥିଲେ, ସେନେଇ ମୁହଁ ଖୋଲୁନଥିବା ଜଣାପଡ଼ିଛି। ସହରରେ କେବଳ ୨ ଜଣ ଲାଇସେନ୍ସପ୍ରାପ୍ତ ବାଣ ହୋଲ୍‌ସେଲର ଅଛନ୍ତି। କିନ୍ତୁ, ଏକାଧିକ ବ୍ୟକ୍ତ ଅନୈତିକଭାବେ ବାଣ ବେପାରରେ ମାତିଯାଇଛନ୍ତି। ବାସ୍ତବରେ ବେଆଇନ ବାଣବେପାରୀଙ୍କ ସଂଖ୍ୟା ୫୦ ଟପିବ। ସେମାନେ ଲୁଚାଛପାଭାବେ ରାୟପୁର, ଶିବକାଶୀ ଆଦି ବିଭିନ୍ନ ସ୍ଥାନରୁ ବାଣ ଆଣି ବିକିବା ଆରମ୍ଭ କରିସାରିଲେଣି। ଅପରପକ୍ଷରେ ଏଭଳି ବେଆଇନ ବେପାରୀଙ୍କ ଉପରେ ଅଙ୍କୁଶ ଲଗାଇବାକୁ ରାଉରକେଲା ପୁଲିସ ଅଣ୍ଟା ଭିଡ଼ିଛି। ଏକ ସ୍ୱତନ୍ତ୍ର ଟିମ ଗଠନ କରାଯିବ। ଉକ୍ତ ଦଳ ସହରର ବିଭିନ୍ନ ସ୍ଥାନରେ ବାଣବିକ୍ରି ଉପରେ କଡ଼ା ନଜର ରଖିବବୋଲି ପୁଲିସ ପକ୍ଷରୁ କହାଯାଇଛି।

### ପୂଜା ପୂର୍ବରୁ ଉତ୍ପାତ କଲେ...

ମଧୁପାଟଣା ଛକରେ ଯାତ୍ରୀଙ୍କୁ ଅପେକ୍ଷା କରିଥିଲେ ଅଟୋ ଚାଳକ। ଠିକ୍ ସେତିକି ବେଳେ ୨ ଜଣ ମଦୁଆ ସେଠାରେ ପହଞ୍ଚି ଥିଲେ। ଅଟୋ ପାର୍କିଂକୁ ନେଇ ଚାଳକଙ୍କ ସହିତ ସେମାନେ ଯୁକ୍ତିତର୍କ କରିଥିଲେ। ପରେ ଦୁଇ ମଦୁଆ ଏକ ଧାରୁଆ ଅସ୍ତ୍ରରେ ଅଟୋ ଚାଳକଙ୍କ ବେକକୁ କାଟି ଦେଇଥିଲେ। ଚିତ୍କାର ଶୁଣି ସାଥୀ ଅଟୋ ଚାଳକମାନେ ସେଠାକୁ ଆସିଥିଲେ। ସେତେବେଳକୁ ଦୁଇ ମଦୁଆ ସେଠାରୁ ଚମ୍ପଟ ମାରିଥିଲେ। ରକ୍ତ ଜୁଡୁବୁଡୁ ହୋଇଥିବା ଅଟୋ ଚାଳକକୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ସିଟି ହସ୍ପିଟାଲ୍ ?ରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ଏବେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ରହିଥିବା ଜଣାପଡ଼ିଛି। ମଧୁପାଟଣା ଥାନା ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହେଲେ ଅଭିଯୁକ୍ତ ଦୁଇ ମଦୁଆଙ୍କ ପତ୍ତା ମିଳିନି। ସେମାନେ ସ୍ଥାନୀୟ ଅଞ୍ଚଳର ହୋଇଥିବା ଅନୁମାନ କରାଯାଉଛି। ପାର୍ବ ଋତୁରେ ମଦୁଆଙ୍କ ଏପରି ଉତ୍ପାତକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ବିଜୁଜନତା ଦଳ ନୀଳଗିରିର ଜନସମ୍ପର୍କ ପଦଯାତ୍ରା




ନୀଳଗିରି , ୦୬/୧୦ (ନି.ପ୍ର): ପ୍ରଥମ ପର୍ଯ୍ୟାୟ ବିଜୁଜନତା ଦଳର ଜନସମ୍ପର୍କ ପଦଯାତ୍ରାର ଅନ୍ତିମ ଦିବସରେ ନୀଳଗିରି ନିର୍ବାଚନ ମଣ୍ଡଳୀ ୧୨ନଂ ଜୋନର ଭାଉଁରିଆବାଡ଼ ପଞ୍ଚାୟତ ଜଡ଼ିବାଲି ଠାରୁ ଅଯୋଧା ପଞ୍ଚାୟତ ଗୋପାଳପୁର ପର୍ଯ୍ୟନ୍ତ ଶତାଧିକ ବିଜୁପ୍ରେମୀଙ୍କର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ନୀଳଗିରିର ପୂର୍ବତନ ବିଧାୟକ ଇଂସୁକାନ୍ତ ନାୟକଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ନୀଳଗିରି ବିଜେଡିର ବହୁ ତୁଙ୍ଗ ନେତୃତ୍ୱ ଯୋଗଦାନ କରିଥିଲେ। ପଦଯାତ୍ରା ଶେଷରେ ଗୋପାଳପୁର ଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଇଂ ସୁକାନ୍ତ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ବର୍ତ୍ତମାନର ବିଜେପି ସରକାର ଜନତାଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଶାସନ କ୍ଷମତାକୁ ଆସିଥିବା ବେଳେ ସମସ୍ତ ପ୍ରତିଶ୍ରୁତି ପାଣିରଗାର ପାଲଟି ଥିବା କହିଥିଲେ। ବିଜେପିର ଓଡ଼ିଆ ଅସ୍ମିତା,୩୦୦ ୟୁନିଟ୍ ମାଗଣା ବିଜୁଳି ଆଦି ବହୁ ପ୍ରତିଶ୍ରୁତି କେବଳ ଲୋକଙ୍କୁ ଭୁଆଁ ବୁଲେଇବା ପାଇଁ ଉଦ୍ଦିଷ୍ଟ ଥିଲା । ଅନ୍ୟମାନଙ୍କ ମଧ୍ୟରେ ନୀଳଗିରିବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝି, ନୀଳଗିରି ୧୩ନଂ ଜୋନ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ , ରାଜ୍ୟ ମହିଳା ବିଜେଡ଼ି ନେତ୍ରୀ ସୁନୀତି ସିଂ,ନୀଳଗିରି ଏନଏସି ଅଧକ୍ଷା ଅମ୍ବିକା ଦାସ, ବରିଷ୍ଠ ବିଜେଡି ନେତା ଗଙ୍ଗାଧର ମିଶ୍ର,୧୧ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ,ନରଣପୁର ସମିତିସଭ୍ୟା ବିଦ୍ୟୁତପ୍ରଭା ପାତ୍ର,ବିଶ୍ୱମ୍ବର ପରିଡା,ଶରତ କୁମାର ଦାସ,ରାଜୀବ କୁମାର ଦାସବାବୁ, ଉପେନ୍ଦ୍ର ଦାସ,ମନୀଷ କୁମାର ପରିଡା,ଉପେନ୍ଦ୍ର ନାୟକ ପ୍ରମୁଖ ବିଜେପି ସରକାର୍‌ଦ୍ଧିରୁଦ୍ଧ ରେ ବକ୍ତବ୍ୟ ରଖିଥିଲେ ଏବଂ ଆଗାମୀଦିନରେ କିଭଳି ବିଜେଡି ତାର ସଂଗଠନ କୁ ମଜବୁତ କରି ପୁନଶ୍ଚ କ୍ଷମତାକୁ ଫେରିବ ସେବିଷୟରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ଏହିଭଳି ପଦଯାତ୍ରା ନୀଳଗିରି ନିର୍ବାଚନ ମଣ୍ଡଳୀର ସବୁ ସ୍ଥାନରେ ଆୟୋଜିତ ହେବ ବୋଲି ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

# ଶାନ୍ତିକାନନରେ ପରମାନନ୍ଦ ତ୍ରିପାଠୀଙ୍କ ଚାରିଗୋଟି ପୁସ୍ତକ ଉନ୍ମୋଚିତ

ବାଲେଶ୍ୱର, ୦୬/୧୦ (ନି.ପ୍ର): ଶନିବାର ସନ୍ଧ୍ୟାରେ କବିତୀର୍ଥ ଶାନ୍ତିକାନନଠାରେ ପରମାନନ୍ଦ ତ୍ରିପାଠୀଙ୍କ ଚାରିଗୋଟି ପୁସ୍ତକ 'ଶ୍ରୀମଦ୍ ଭାଗବତ ଗୀତା', 'ସମର୍ପଣ', 'ଗଳ୍ପ ପ୍ରବାହ' ଓ 'ପ୍ରୀତିପ୍ରସୂନ' ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପୁସ୍ତକ ଉନ୍ମୋଚନ ପର୍ବରେ ଆଲୋଚକ ଭାବରେ ଯୋଗଦାନ କରିଥିଲେ ବରିଷ୍ଠ ଗବେଷକ ଡ. ଭାଗବତ ପ୍ରସାଦ ଦାସ, ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ. ରତ୍ନାକର ସିଂହ ଓ ସାରସ୍ୱତ ସାଧକ ପ୍ରେମାନନ୍ଦ ଆର୍ଯ୍ୟବ୍ରତ ଦାସ। ସଂପାଦକ ଦୀପକ ବୋଷ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓ ଲେଖକ ପରମାନନ୍ଦ ତ୍ରିପାଠୀ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତପନ ରାୟ, ଗୋପୀକୃଷ୍ଣ ମହାନ୍ତି, ମନ୍ମଥ କୁମାର ସାହୁ, କରୁଣାକର ସ, ପଦ୍ମଲୋଚନ ଦତ୍ତ, ପବିତ୍ର କୁମାର ତ୍ରିପାଠୀ, ଦୀପକ ଦାସ, ଶରତ କୁମାର ମହାପାତ୍ର, କମଳାକାନ୍ତ ନାୟକ, ଲମ୍ବୋଦର ନାୟକ, ମଧୁସୂଦନ ମାଝୀ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, ରମାକାନ୍ତ ମହାନ୍ତି, ରଜନୀକାନ୍ତ ବେହେରା, ସିତାଂଶୁ ଶେଖର ଭୂୟାଁ, ସନାତନ ଦାସ, ଅନସୂୟା ନାୟକ, ଶାନ୍ତି ବିଶି, ମାମିନା ମହାପାତ୍ର, ବାସନ୍ତୀ ଦେ, ଉର୍ମିଳା ନାୟକ, ବିଦ୍ୟାଧର ସାହୁ, ନିରଂଜନ ରାଉତ, ନିବାରଣ ଜେନା, ଲକ୍ଷ୍ମଣ ଚରଣ ବିଶ୍ୱାଳ, ଦେବାଶିଷ ସିଂହ, ତୃପ୍ତିରାଣୀ ପାତ୍ର, ମମତା ଦାସ, ପ୍ରମିଳା ପାଣିଗ୍ରାହୀ, ସରେଜିନୀ ପାଣିଗ୍ରାହୀ, ଶୁଭମ୍ ପାଣିଗ୍ରାହୀ, ତେଜସ୍ୱୀ ଦାସ, ଅବନ୍ତୀ ପ୍ରଧାନ, ଅରବିନ୍ଦ ପାଲ, ବଳରାମ ବେହେରା, ଦୟାନିଧି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ବିଇଡି କଲେଜରେ ବିଶ୍ୱ ଶିକ୍ଷକ ଦିବସ ପାଳିତ



ବାରିପଦା, ୦୬/୧୦ (ନି.ପ୍ର): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଠାରେ ବିଶ୍ୱ ଶିକ୍ଷକ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱ ରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥିଭାବେ ଡକ୍ଟର ସରୋଜ ନାୟକ ଯୋଗ ଦେଇ ଜଣେ ପୂର୍ଣ୍ଣାଙ୍ଗ ଶିକ୍ଷକ ହେବାପାଇଁ ହେଲେ ଗୁରୁଛାତ୍ର ମକ୍ଷନେ ନିଜକୁ ସ୍ୱୟଂ ସମ୍ପୂର୍ଣ ଭାବେ ଗଢ଼ିତୋଳିବା ସହିତ ଶିକ୍ଷକତା ବୃତ୍ତି କୁ ଆନ୍ତଃକରଣରେ ଜୀବନର ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡକ୍ଟର ତ୍ରିନାଥ ମଲ୍ଲିକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ସହକାରୀ ପ୍ରଫେସର ଡକ୍ଟର ଚିତ୍ରସେନ ସେଠୀ, ସରୋଜ ଦାସ, କେ ଲକ୍ଷ୍ମୀ ସେନାପତି, ରାଜକିଶୋର ରାଉଳ, ସନ୍ଦୀପ ସିଂ, ନବୀନ ନାଏକ ଯୋଗ ଦେଇଥିଲେ। ବହୁ ସଂଖ୍ୟକ ଛାତ୍ର ଛାତ୍ରୀ ଆଲୋଚନା ରେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ। ଛାତ୍ର ସଂସଦ ଉପସଭାପତି ବବିତା ବେହେରା, ସମ୍ପାଦକ ଓମପ୍ରକାଶ ବେହେରା କାର୍ଯ୍ୟକ୍ରମ ର ନେତୃତ୍ୱ ନେଇଥିଲେ ।

# ଆୟୁଷ ବିକାଶ ମଞ୍ଚର ପରିବର୍ଦ୍ଧିତ ବୈଠକରେ ସମନ୍ୱିତ ଆୟୁଷ ଚିକିତ୍ସାଳୟ ସ୍ଥାପନ ଓ ପଞ୍ଚକର୍ମ ଚିକିତ୍ସାଳୟ ପ୍ରତିଷ୍ଠାପାଇଁ ସିଦ୍ଧାନ୍ତ

ବାଲେଶ୍ୱର, ୦୬/୧୦ (ନି.ପ୍ର): ଅଦ୍ୟ ଅପରାହ୍ନ ୪ ଘଟିକା ସମୟରେ ଆୟୁଷ ବିକାଶ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଜିଲ୍ଲା ଆୟୁର୍ବେଦିକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ପ୍ରଥମେ ସଂପାଦକ ହିମାଂଶୁ ଶେଖର ଦାସ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜଣାଇଥିଲେ। ପ୍ରସ୍ତାବିତ ସମନ୍ୱିତ ଆୟୁଷ ଚିକିତ୍ସାଳୟ କାର୍ଯ୍ୟକାରୀ ହେବାରେ ଅହେତୁକ ବିଳମ୍ବ ହେଉଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।



କାର୍ଯ୍ୟଭାର ନେଇଥିବା ଠିକାଦାରଙ୍କ ଠାରୁ ପ୍ରାପ୍ତ ସୂଚନା ଅନୁଯାୟୀ ରେମୁଣା ତହସିଲଦାର ଆବଶ୍ୟକୀୟ ୫ ଏକର ଜାଗା ହସ୍ତାନ୍ତରରେ ବିଳମ୍ବ କରୁଥିବାରୁ କାର୍ଯ୍ୟରେ ବାଧା ଉପୁଜୁଛି। ତେଣୁ ସମସ୍ତ ସଭ୍ୟ ଏ ବାବଦରେ ରେମୁଣା ତହସିଲଦାର ଓ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଆସନ୍ତା ନଭେମ୍ବର ୩ ତାରିଖ ରବିବାର ମଞ୍ଚ ତରଫରୁ ଏକ ମାଗଣା ଆୟୁଷ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଶିବିରରେ ରୋଗୀମାନଙ୍କର ମଧୁମେହ ଓ ରକ୍ତଚାପ ପରୀକ୍ଷା ସହ ଆୟୁର୍ବେଦିକ, ହୋମିଓପ୍ୟାଥିକ୍ ଏବଂ ଯୋଗ ମାଧ୍ୟମରେ ମାଗଣା ଚିକିତ୍ସା କରାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ସର୍ବଶେଷରେ ଉପଦେଷ୍ଟା ଡା. ପ୍ରଭାକର ରଥ ଧନ୍ୟବାଦ ଦେଇଥିଲେ। ଡା. ସୁଧାଂଶୁ ଶେଖର ଦାସ, ଡା. ପ୍ରଭାତ କୁମାର ପ୍ରଧାନ, ଡା. ପ୍ରମୋଦ କୁମାର ରାଉତ, ଡା. ତ୍ରିଲୋଚନ ଧଳ, ମେଡିକାଲ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ଆଡ଼ଭୋକେଟ୍ ନିରଞ୍ଜନ ପରିଡ଼ା ମଂଚର ଉପଦେଷ୍ଟା ସୀତାରାମ ପ୍ରଧାନ, ଡା. ଜୟନ୍ତ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କୁଲଡିହା ଅଭୟାରଣ୍ୟରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ସମାରୋହ ଅନୁଷ୍ଠିତ

ନୀଳଗିରି, ୦୬/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ବନଖଣ୍ଡ ଅଧୀନ ନୀଳଗିରି କୁଲଡ଼ିହା ବନାଞ୍ଚଳ ଦ୍ୱାରା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦଲଦଲି ଠାରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଦଲଦଲି ଗ୍ରାମର ଅଧିବାସୀ, କୁଲଡ଼ିହା ୱାଇଲ୍ଡଲାଇଫ ଏବଂ ରେ ଅଫ୍ ହୋପସ୍ ମିଳିତ ସହଯୋଗରେ ସଂସ୍ଥାର ସଭ୍ୟ/ସଭ୍ୟା ମାନଙ୍କୁ ନେଇ ଏକ ସଚେତନତା ଶିବିର ଆୟୋଜନ କରାଯାଇଥିଲା। କୁଲଡ଼ିହା ରେଞ୍ଜ ଅଧିକାରୀ ପ୍ରବୀର କୁମାର ମୁର୍ମୁ, ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ, ପଞ୍ଚାୟତର ସରପଞ୍ଚ ପୁରସ୍ତମ ସେଠୀ, ୱାଇଲ୍ଡ ଲାଇଫ ଫାଉଣ୍ଡେସନର ସଭାପତି ମନୋରଞ୍ଜନ ଦାସ, ସମ୍ପାଦକ ଅସିତ ପ୍ରଧାନ, ସମାଜସେବୀ ଅମିତ୍ ବଳିଆର ସିଂ, ପ୍ରଭାକର ପରିଡା ପ୍ରମୁଖ ଜଙ୍ଗଲ ସୁରକ୍ଷା ଓ ବୃକ୍ଷରୋପଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ 'ରେ ଅଫ୍ ହୋପସ'ର ସ୍ୱସ୍ତିକ ଦେ, ରାଇମଣି ମୁର୍ମୁ, ଆଗ୍ନେଶ ପଟ୍ଟନାୟକ, ସସ୍ମିତା ମାଝୀ, ଓମକାର ମୋହନ ଦାସ, ପ୍ରଶାନ୍ତ ଦାସ, ଧର୍ମକାଳି ଜୟରାମ ହାଁସଦା, ଉପାସନା ପଟ୍ଟନାୟକ, ଆଇନଜୀବୀ ସୁରେଶ ଭୋଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।




# ଇନରହୁଇଲ ତରଫରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

ଉଦଳା , ୦୬/୧୦ (ନି.ପ୍ର): ସମଗ୍ର ପୃଥିବୀରେ ସର୍ବ ବୃହତମ ମହିଳା ସଂଗଠନ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଇନରହୁଇଲ କ୍ଲବ ଉଦଳା ଶାଖା ତରଫରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ଉଦଳା ସହରକୁ ଲାଗିକରିଥିବା ନୂଆସାହି ପ୍ରାଥମିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସାଧାରଣଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମିତା ମିଶ୍ର ପ୍ରତିଯୋଗିତା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିବା ସହିତ ଇନରହୁଇଲ ତରଫରୁ ଆୟୋଜନ କରାଯାଉଥିବା ଏହିଭଳି ଏକ କାର୍ଯ୍ୟକ୍ରମ ପାଇଁ କୃତଜ୍ଞତା ଜଣାଇଥିଲେ । ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ଗୀତାଶ୍ରୀ ରାୟ ଅଧକ୍ଷତା କରି ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଲୁଚି ରହିଥିବା ବିଭିନ୍ନ ପ୍ରକାର କଳାର ବିକାଶ ପାଇଁ ଇନରହୁଇଲ ତରଫରୁ ଏହିଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ବୋଲି ବ୍ୟକ୍ତ କରିଥିଲେ। ସେହିପରି କ୍ଲବର ପୂର୍ବତନ ସଭାପତି ଜୟନ୍ତି ପଟ୍ଟନାୟକ ତାଙ୍କର ବକ୍ତବ୍ୟରେ 'ଚିତ୍ର' ପିଲାଙ୍କର ପ୍ରଥମ ଦିନର ପାଠ ଅଟେ ବୋଲି କହିବା ସହ ଏହା ସୃଜନଶୀଳ ଶକ୍ତି ବୃଦ୍ଧି ଘଟାଇବାରେ କିପରି ସହାୟକ ହୋଇଥାଏ ବ୍ୟକ୍ତ କରିଥିଲେ । କ୍ଲବର ସଂପାଦିକା ମମତା ସାହୁ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅବଗତ କରାଇବା ସହ ଶେଷର ଧନ୍ୟବାଦ ଅର୍ପଣ କରିଥିଲେ ।





